Patient's identification: ____________________

Date of assessment: ____________________

Duration: from ________ to ________

Test administrator: ____________________

Michel Paradis
McGill University

# BILINGUAL APHASIA TEST

## (ORIYA VERSION)

## ଦ୍ୱିଭାଷୀମାନଙ୍କ ମଧ୍ୟରେ 'ଆଫେଜିଆ'ର ପରୀକ୍ଷଣ

**The Bilingual Aphasia Test was adapted to Oriya by Sudatta Patnaik**

The development of the Bilingual Aphasia Test materials was supported by Grant MEQ 01-07-k (1976-1983) from the Quebec Ministry of Intergovernmental Affairs, Grant EQ 1660 (1980-1985) from the Quebec Ministry of Education FCAC Fund, and Grants 410-83-1028 (1984, 1985) and 410-88-0821 (1989-1991) from the Social Sciences and Humanities Research Council of Canada.

## ଇଂରାଜୀ ଜ୍ଞାନ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ରୋଗୀକୁ ପଢ଼ିକରି ଶୁଣାନ୍ତୁ । ଯେଉଁ ପ୍ରଶ୍ନପାଇଁ ଏକାଧିକ ଉତ୍ତର ଦିଆଯାଇଥିବ, ସେଥିମଧ୍ୟରୁ କେବଳ ଗୋଟିକୁ ପରିଧିଭୁକ୍ତ କରନ୍ତୁ । ଅନ୍ୟ ପ୍ରଶ୍ନଗୁଡ଼ିକପାଇଁ ଯେଉଁ ସ୍ଥାନ ସଂରକ୍ଷିତ ଅଛି, ସେଥିରେ ଉତ୍ତରଟିକୁ ଲେଖନ୍ତୁ । ସମଗ୍ର ପ୍ରଶ୍ନପତ୍ରରେ ପରୀକ୍ଷକଙ୍କୁ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକ ପୂର୍ବରୁ *** ଚିହ୍ନ ଦିଆଯାଇଛି । ଏହି ନିର୍ଦ୍ଦେଶଗୁଡ଼ିକ ରୋଗୀକୁ ପଢ଼ି ଶୁଣାନ୍ତୁ ନାହିଁ ।

*** ରୋଗୀକୁ ନିମ୍ନଲିଖିତ ଉପକ୍ରମଣିକା ଦେଇ ପ୍ରଶ୍ନଗୁଡ଼ିକ ଗୋଟିକ ପରେ ଗୋଟିଏ ପଚାରନ୍ତୁ ।
ବର୍ତ୍ତମାନ ମୁଁ ଆପଣଙ୍କୁ ଆପଣଙ୍କର ଇଂରାଜୀ ଜ୍ଞାନ ସମ୍ବନ୍ଧରେ କେତୋଟି ପ୍ରଶ୍ନ ପଚାରିବି ।

୧ । ଆପଣ ଏଭଳି କୌଣସ ଦେଶରେ ରହିଥିଲେ, ଯେଉଁଠାରେ ଇରାଜୀ ଭାଷାର ପ୍ରଚଳନ ଥିଲା ? + − (୧)

*** ଯଦି ରୋଗୀ ଉତ୍ତରରେ 'ନା' କହେ ତେବେ ୪ର୍ଥ ପ୍ରଶ୍ନକୁ ଯାଆନ୍ତୁ ।

୨ । ସେହି ଦେଶର ନାମ କ'ଣ ? ________ (୨)

୩ । ଆପଣ ସେଠାରେ କେତେଦିନ ଥିଲେ ? ________ (୩)

୪ । ଅସୁସ୍ଥତା ପୂର୍ବରୁ ଆପଣଙ୍କ କଥିତ ଇଂରାଜୀ କିପରି ଥିଲା ?
୧) ବିଶେଷ ଭଲ ନୁହେଁ ୨) ଭଲ ୩) ଖୁବ୍ ଭଲ (୪)

୫ । ଆପଣ କେତେବର୍ଷ ବୟସରେ ଇଂରାଜୀ କହି ଶିଖିଲେ ? ________ (୫)

୬ । ଅସୁସ୍ଥତା ପୂର୍ବରୁ ଆପଣ ଘରେ ଇଂରାଜୀ ବ୍ୟବହାର କରୁଥିଲେ କି ? + − (୬)

୭ । ଆପଣ କାର୍ଯ୍ୟକ୍ଷେତ୍ରରେ ଇଂରାଜୀ ବ୍ୟବହାର କରୁଥିଲେ କି ? + − (୭)

୮ । ବନ୍ଧୁମାନଙ୍କ ସହିତ ଇଂରାଜୀ ବ୍ୟବହାର କରୁଥିଲେ କି ? + − (୮)

୯ । ଅସୁସ୍ଥତା ପୂର୍ବରୁ ଆପଣ ଦୈନନ୍ଦିନ ଜୀବନରେ କେତେଥର ଇଂରାଜୀରେ କଥାଭାଷା ହେଉଥିଲେ ?
୧) ପ୍ରତିଦିନ ୨) ସପ୍ତାହରେ ଥରେ ୩) ମାସରେ ଥରେ (୯)
୪) ବର୍ଷରେ ଥରେ ୫) ବର୍ଷକରେ ଥରକରୁ କମ୍

୧୦ । ଆପଣ ଇଂରାଜୀ ପଢ଼ିଜାଣିଥିଲେ କି ? + − (୧୦)

*** ଯଦି ଉତ୍ତର ନାସ୍ତିବାଚକ ହୁଏ, ତେବେ, ସ୍ୱତଃପ୍ରବୃତ୍ତ କଥାଭାଷା' ବିଭାଗକୁ ଯାଆନ୍ତୁ ।

୧୧ । ଆପଣ କେତେବର୍ଷ ବୟସରେ ଇଂରାଜୀ ପଢ଼ି ଶିଖିଲେ ? ________ (୧୧)

୧୨ । ଅସୁସ୍ଥତା ପୂର୍ବରୁ ଆପଣଙ୍କର ଇଂରାଜୀ ପଠନଶକ୍ତି କିପରି ଥିଲା ?
୧) ବିଶେଷ ଭଲ ନୁହେଁ ୨) ଭଲ ୩) ଖୁବ୍ ଭଲ (୧୨)

୧୩ । ଅସୁସ୍ଥତା ପୂର୍ବରୁ ଆପଣ କେତେଥର ଇରାଜୀ ପଢୁଥିଲେ ?
୧) ପ୍ରତିଦିନ ୨)ସପ୍ତାହରେ ଥରେ ୩) ମାସରେ ଥରେ (୧୩)
୪) ବର୍ଷରେ ଥରେ ୫) ବର୍ଷକରେ ଥରକରୁ କମ୍

୧୪ । ଆପଣ ଇଂରାଜୀ ଲେଖି ଶିଖିଥିଲେ କି ? + − (୧୪)

*** ଯଦି ଉତ୍ତର ନାସ୍ତିବାଚକ ହୁଏ ତେବେ 'ସ୍ୱତଃପ୍ରବୃତ୍ତ କଥାଭାଷା' ବିଭାଗକୁ ଯାଆନ୍ତୁ ।

୧୫ । ଆପଣ କେତେବର୍ଷ ବୟସରେ ଇଂରାଜୀ ଲେଖି ଶିଖିଲେ ? ________ (୧୫)

୧୬ । ଅସୁସ୍ଥତା ପୂର୍ବରୁ ଆପଣ ଇଂରାଜୀ କିପରି ଲେଖୁଥିଲେ ?
୧) ବିଶେଷ ଭଲ ନୁହେଁ ୨) ଭଲ ୩) ଖୁବ୍ ଭଲ (୧୬)

୧୭ । ଅସୁସ୍ଥତା ପୂର୍ବରୁ ଦୈନନ୍ଦିନ ଜୀବନରେ ଆପଣ କେତେଥର ଇଂରାଜୀ ଲେଖୁଥିଲେ ?
୧) ପ୍ରତିଦିନ ୨) ସପ୍ତାହରେ ଥରେ ୩) ମାସରେ ଥରେ (୧୭)
୪) ବର୍ଷରେ ଥରେ ୫) ବର୍ଷରେ ଥରକରୁ କମ୍

## ସ୍ୱତଃପ୍ରବୃତ୍ତ କଥାଭାଷା :

*** ପାଞ୍ଚ ମିନିଟ ପର୍ଯ୍ୟନ୍ତ ରୋଗୀର ସ୍ୱତଃପ୍ରବୃତ୍ତ କଥାବାର୍ତ୍ତାକୁ ରେକର୍ଡ କରନ୍ତୁ । ଏହି ବିଭାଗଟି ରୋଗୀର ସ୍ୱତଃପ୍ରବୃତ୍ତ କଥା ଭାଷାର ଏକ ନମୁନା ସଂଗ୍ରହ କରିବା ଏବଂ ପରୀକ୍ଷକ ପକ୍ଷରେ ଏକ ସହଜ ସ୍ୱାଭାବିକ ପରିବେଶ ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ । ରୋଗୀକୁ ନିମ୍ନୋକ୍ତ କେତୋଟି ବିଷୟରେ ପ୍ରଶ୍ନ କରି କଥାବାର୍ତ୍ତା ଅବ୍ୟାହତ ରଖିବା ପାଇଁ ଚେଷ୍ଟା କରନ୍ତୁ ।

(କ) ରୋଗୀର ରୋଗ ସମ୍ବନ୍ଧରେ
(ଖ) ରୋଗୀର ବୃତ୍ତି
(ଗ) ବିଦେଶ ଅନୁଭୂତି
(ଘ) ରୋଗୀର ପରିବାର ଇତ୍ୟାଦି ।

*** ରୋଗୀ ନିଜର ବକ୍ତବ୍ୟ ଶେଷ କରିବା ପରେ ପରୀକ୍ଷକ ଟେପ୍ ରେକର୍ଡରଟିକୁ ବନ୍ଦ କରିଦେବା ଆବଶ୍ୟକ ଏବଂ ନିମ୍ନରେ ପ୍ରଦତ୍ତ ପାଞ୍ଚଟି ବିଷୟବସ୍ତୁ ପ୍ରତି ଯେଉଁ ଉତ୍ତରଟି ପ୍ରଯୁଜ୍ୟ ତାହାକୁ ପରିଧିଭୁକ୍ତ କରିବା ଆବଶ୍ୟକ । ଏହା ରୋଗୀର କଥା ଭାଷାର କେତୋଟି ମୌଳିକ ଗୁଣ ସମ୍ବନ୍ଧରେ ଏକ ସାଧାରଣ, ବ୍ୟକ୍ତିଗତ, ପ୍ରାଥମିକ ସୂଚନା ଦେବା ନିମନ୍ତେ ଉଦ୍ଦିଷ୍ଟ, ଯେଉଁ ଗୁଡ଼ିକୁ ପରେ ବିଶଦ୍ ଭାବରେ ବିଶ୍ଳେଷଣ କରାଯିବ ।

| | | | | | |
|---|---|---|---|---|---|
| ୧୮–କଥାବାର୍ତ୍ତାର ପରିମାଣ : | (୧) ଶୂନ୍ | (୨) ଖୁବ୍ ଅଳ୍ପ | (୩) ସାଧାରଣଠାରୁ ଅଳ୍ପ | (୪) ସାଧାରଣ | (୧୮) |
| ୧୯–ସାବଲୀଳତା : | (୧) ଭଲ ନୁହେଁ | (୨) ମନ୍ଦ ନୁହେଁ | (୩) ଭଲ | (୪) ସାଧାରଣ | (୧୯) |
| ୨୦–ଉଚ୍ଚାରଣ : | (୧) ଭଲ ନୁହେଁ | (୨) ମନ୍ଦ ନୁହେଁ | (୩) ଭଲ | (୪) ସାଧାରଣ | (୨୦) |
| ୨୧–ବ୍ୟାକରଣ : | (୧) ଭଲ ନୁହେଁ | (୨) ମନ୍ଦ ନୁହେଁ | (୩) ଭଲ | (୪) ସାଧାରଣ | (୨୧) |
| ୨୨–ଶବ୍ଦକୋଷ : | (୧) ଭଲ ନୁହେଁ | (୨) ମନ୍ଦ ନୁହେଁ | (୩) ଭଲ | (୪) ସାଧାରଣ | (୨୨) |

## ବାଚନିକ ବୋଧଶକ୍ତି :

*** ଏହି ବିଭାଗରେ ରୋଗୀକୁ କେତୋଟି ଆଦେଶ କାର୍ଯ୍ୟକାରୀ କରିବାକୁ ହେବ । ଆଦେଶ ଗୁଡ଼ିକୁ ଧୀରେ ଧୀରେ ଏବଂ ସ୍ୱାଭାବିକ ଢ଼ଙ୍ଗରେ ପଢ଼ିବା ଆବଶ୍ୟକ । ଯଦି ୫ ସେକେଣ୍ଡ ମଧ୍ୟରେ ରୋଗୀ କୌଣସି ଉତ୍ତର ନଦିଏ, ତେବେ ତହିଁରେ ୦ (ଶୂନ୍) ଦେଇ ପରବର୍ତ୍ତୀ ପ୍ରଶ୍ନଟିକୁ ଯିବାକୁ ହେବ । ରୋଗୀ ପ୍ରଥମେ ସ୍ପର୍ଶ କରିଥିବା ବସ୍ତୁଟି ଉପରେହିଁ ମୂଲ୍ୟାଙ୍କନ କରିବାକୁ ହେବ । ପ୍ରଦତ୍ତ ସ୍ଥାନରେ ରୋଗୀର ଉତ୍ତର ଗୁଡ଼ିକୁ '+', '–' କିମ୍ବା '୦', ଦେଇ ମୂଲ୍ୟାଙ୍କନ କରିବାକୁ ହେବ । ଯଦି ରୋଗୀ ନିର୍ଭୁଲ ଉତ୍ତର ଦେଇଥାଏ, ତେବେ '+' କୁ ପରିଧିଭୁକ୍ତ କରନ୍ତୁ । ଯଦି ରୋଗୀ ଭୁଲ୍ ଉତ୍ତର ଦିଏ, ତେବେ '–' କୁ ପରିଧିଭୁକ୍ତ କରନ୍ତୁ । ପରିଶେଷରେ, ଯଦି ରୋଗୀ ନିରୁତ୍ତର ରହେ (କିମ୍ବା ଏଭଳି କୌଣସି ଉତ୍ତର ଦିଏ, ଯେଉଁଥିରୁ ସୂଚିତ ହେବ ଯେ ତାକୁ କ'ଣ କରିବାକୁ ହେବ ତାହା ସେ ବୁଝିପାରିନାହିଁ) ତେବେ '୦' (ଶୂନ୍) କୁ ପରିଧିଭୁକ୍ତ କରନ୍ତୁ ।

ଉଦାହରଣ ସ୍ୱରୂପ ଯଦି ରୋଗୀକୁ ଟେବୁଲ ଉପରେ ଥିବା ବହିଟିକୁ ଛୁଇଁବାକୁ କୁହାଯାଏ ଏବଂ ସେ ଟେବୁଲ୍ ଉପରେ ଥିବା ଅନ୍ୟ କୌଣସି ବସ୍ତୁକୁ ସ୍ପର୍ଶ କରେ, ତେବେ ପରୀକ୍ଷକ '–'କୁ ପରିଧିଭୁକ୍ତ କରିବେ । କିନ୍ତୁ ଯଦି ସେ କୌଣସି ବସ୍ତୁକୁ ସ୍ପର୍ଶ କରେ ନାହିଁ (କିମ୍ବା ତାଳିମାରେ) ତେବେ ପରୀକ୍ଷକ '୦'କୁ ପରିଧିଭୁକ୍ତ କରିବେ ।

## ଅଙ୍ଗୁଳି ନିର୍ଦ୍ଦେଶ :

ଏହି ବିଭାଗର ପରୀକ୍ଷଣ ନିମନ୍ତେ ନିମ୍ନରେ ପ୍ରଦତ୍ତ ବସ୍ତୁଗୁଡ଼ିକୁ ଟେବୁଲ ଉପରେ ଏବଂ ରୋଗୀ ସାମ୍ନାରେ ଏପରି ଭାବରେ ସଜାଇ ରଖନ୍ତୁ ଯେପରିକି ସେ ସେଗୁଡ଼ିକ ସହଜରେ ସ୍ପର୍ଶ କରି ପାରିବ ।

ବସ୍ତୁ ଗୁଡ଼ିକୁ ବାମରୁ ଡ଼ାହାଣ ପର୍ଯ୍ୟନ୍ତ ଦିଆଯାଇଥିବା କ୍ରମରେ ସଜାଇ ରଖନ୍ତୁ—ବୋତାମ୍, ଚୁଡ଼ି, କଇଁଚି, ଲଫାପା, ମୁଦି, ପାନିଆ, ଗ୍ଲାସ, ଦିଆସିଲି କାଠି, ଗୁବି, ଘଡ଼ି ।

*** ବର୍ତ୍ତମାନ ବଡ଼ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ :

| | | | | |
|---|---|---|---|---|
| ୨୩ । ମୁଦିଟିକୁ ଛୁଅଁନ୍ତୁ | + | − | ୦ | (୨୩) |
| ୨୪ । ବୋତାମଟିକୁ | + | − | ୦ | (୨୪) |
| ୨୫ । ଦିଆସିଲି କାଠି ଗୁଡ଼ିକ | + | − | ୦ | (୨୫) |
| ୨୬ । ଚୁଡ଼ିଟିକୁ | + | − | ୦ | (୨୬) |
| ୨୭ । ଗୁବିଟିକୁ | + | − | ୦ | (୨୭) |
| ୨୮ । କଇଁଚିକୁ | + | − | ୦ | (୨୮) |
| ୨୯ । ଘଡ଼ିଟିକୁ | + | − | ୦ | (୨୯) |
| ୩୦ । ଲଫାପାଟିକୁ | + | − | ୦ | (୩୦) |
| ୩୧ । ଗ୍ଲାସ୍‌ଟିକୁ | + | − | ୦ | (୩୧) |
| ୩୨ । ପାନିଆଟିକୁ | + | − | ୦ | (୩୨) |

## ସରଳ ଏବଂ ସାମାନ୍ୟ ଜଟିଳ ଆଦେଶ

ନିମ୍ନରେ ପ୍ରଦତ୍ତ ଆଦେଶ ଗୁଡ଼ିକୁ ରୋଗୀକୁ ପଢ଼ି ଶୁଣାନ୍ତୁ । ମୂଲ୍ୟାୟନର ପଦ୍ଧତି ଉପରୋକ୍ତ ଆଙ୍ଗୁଳି ନିର୍ଦ୍ଦେଶ ପ୍ରଶ୍ନାବଳୀର ଅନୁରୂପ । ଟେବୁଲ୍ ଉପରେ ଥିବା ବସ୍ତୁ : ମୁଦି, ଦିଆସିଲି କାଠି, ଗ୍ଲାସ, ପେନ୍‌ସିଲ୍ ଓ ଚାମଚ ।

*** ବର୍ତ୍ତମାନ ବଡ଼ ପାଟିରେ ପଢ଼ିବା ଆରମ୍ଭ କରନ୍ତୁ । ମୁଁ ବର୍ତ୍ତମାନ ଆପଣଙ୍କୁ କେତୋଟି କାର୍ଯ୍ୟ କରିବାକୁ କହିବି ।

| | | | | |
|---|---|---|---|---|
| ୩୩ । ଆଖି ବନ୍ଦ କରନ୍ତୁ | + | − | ୦ | (୩୩) |
| ୩୪ । ପାଟି ମେଲନ୍ତୁ | + | − | ୦ | (୩୪) |
| ୩୫ । ହାତ ଉଠାନ୍ତୁ | + | − | ୦ | (୩୫) |
| ୩୬ । ଜିଭ ବାହାର କରନ୍ତୁ । | + | − | ୦ | (୩୬) |
| ୩୭ । ତାଳି ମାରନ୍ତୁ । | + | − | ୦ | (୩୭) |
| ୩୮ । ଦିଆସିଲି କାଠି ଉପରେ ମୁଦିଟିକୁ ରଖନ୍ତୁ । | + | − | ୦ | (୩୮) |
| ୩୯ । ପେନ୍‌ସିଲ୍ ପାଖରେ ଗ୍ଲାସ୍‌କୁ ରଖନ୍ତୁ । | + | − | ୦ | (୩୯) |
| ୪୦ । ଚାମଚ ତଳେ ଦିଆସିଲି କାଠିଗୁଡ଼ିକୁ ରଖନ୍ତୁ । | + | − | ୦ | (୪୦) |
| ୪୧ । ମୁଦି ସାମ୍ନାରେ ପେନ୍‌ସିଲ୍‌କୁ ରଖନ୍ତୁ । | + | − | ୦ | (୪୧) |
| ୪୨ । ଚାମଚଟିକୁ ଗ୍ଲାସ୍ ଭିତରେ ରଖନ୍ତୁ । | + | − | ୦ | (୪୨) |

## ଜଟିଳ ଆଦେଶ :

୪୩ରୁ ୪୭ ପର୍ଯ୍ୟନ୍ତ ଜଟିଳ ଆଦେଶର ଅନ୍ତର୍ଭୁକ୍ତ । ସମ୍ପୂର୍ଣ୍ଣ ଆଦେଶଟିକୁ ଗୋଟିଏ ବାକ୍ୟ ଭଳି ପଢ଼ିବା ଆବଶ୍ୟକ । ପ୍ରତ୍ୟେକଟିରେ ରୋଗୀକୁ ୩ଟି ବସ୍ତୁ ଦ୍ୱାରା କୌଣସି ନା କୌଣସି କାର୍ଯ୍ୟ କରିବାକୁ ହେବ । ଏହି ତିନୋଟି ବସ୍ତୁ ଟେବୁଲ୍ ଉପରେ

ରୋଗୀ ହାତ ପହଞ୍ଚାଇ ପାରୁଥିବା ଭଳି ଦୂରତ୍ୱରେ ରଖନ୍ତୁ । ଯଦି ରୋଗୀର ସବୁ ଉତ୍ତରଗୁଡ଼ିକ ନିର୍ଭୁଲ ହୁଏ, ତେବେ '+' ଦ୍ୱାର ତାର ମୂଲ୍ୟାଙ୍କନ କରନ୍ତୁ । ଯଦି ସମ୍ପୂର୍ଣ୍ଣ ନିର୍ଭୁଲ ନହୁଏ, ତେବେ ଯେଉଁ ଯେଉଁ ଆଦେଶଗୁଡ଼ିକ ସେ ଠିକ୍ ଭବରେ କାର୍ଯ୍ୟକାରୀ କରିଛି, କ୍ରମ ନିର୍ବିଶେଷରେ ତାର ମୂଲ୍ୟାଙ୍କନ କରନ୍ତୁ । ଯଦି ରୋଗୀକୁ '୩' ମିଳେ ତେବେ ସେଥିରୁ ଜଣାଯିବ ଯେ ରୋଗୀ କ୍ଷୁଦ୍ର କ୍ଷୁଦ୍ର ଆଦେଶଗୁଡ଼ିକୁ ସଠିକ୍ ଭବରେ କାର୍ଯ୍ୟକାରୀ କରିଛି, ମାତ୍ର କ୍ରମାନୁସାରେ ନୁହେଁ । ଯଦି '୨' ମିଳେ, ତେବେ ଦୁଇଟି ଆଦେଶ କାର୍ଯ୍ୟକାରୀ କରିଛି କ୍ରମ ନିର୍ବିଶେଷରେ ।

ଉପକରଣ : ତିନୋଟି କାଗଜ (ଛୋଟ, ମଝିଳିଆ ଓ ବଡ଼)
ତିନୋଟି ପେନ୍‌ସିଲ୍ (ନୀଳ, ହଳଦିଆ ଓ ଲାଲ୍)
ତିନୋଟି ପଇସା (ଛୋଟ, ମଝିଳିଆ ଓ ବଡ଼)
ତିନୋଟି କାଠି (ଛୋଟ, ମଝିଳିଆ ଓ ବଡ଼)
ଏବଂ ଗୋଟିଏ ଗ୍ଲାସ ଓ ତିନୋଟି ବହି ।

*** ଏହିଠାରୁ ପଢିବାକୁ ଆରମ୍ଭ କରନ୍ତୁ–

| | | | | | | |
|---|---|---|---|---|---|---|
| ୪୩ । ଆପଣ ବର୍ତ୍ତମାନ ତିନୋଟି କାଗଜ ଦେଖୁଛନ୍ତି । ଛୋଟ କାଗଜଟିକୁ ମୋତେ ଦିଅନ୍ତୁ, ମଝିଳିଆ କାଗଜଟିକୁ କୋଳ ଉପରେ ରଖନ୍ତୁ ଏବଂ ବଡ଼ଟିକୁ ଫିଙ୍ଗି ଦିଅନ୍ତୁ । | + | ୩ | ୨ | ୧ | ୦ | (୪୩) |
| ୪୪ । ଆପଣ ତିନୋଟି ପେନ୍‌ସିଲ୍ ଦେଖୁଛନ୍ତି । ହଳଦିଆଟିକୁ ତଳେ ପକାଇ ଦିଅନ୍ତୁ, ନୀଳଟିକୁ ମୋତେ ଦିଅନ୍ତୁ ଏବଂ ଲାଲ୍‌ଟିକୁ ଉଠାଇ ନିଅନ୍ତୁ । | + | ୩ | ୨ | ୧ | ୦ | (୪୪) |
| ୪୫ । ଆପଣଙ୍କ ଆଗରେ ତିନୋଟି ପଇସା ଅଛି । ବଡ଼ ପଇସାଟିକୁ ମୋ ଆଡ଼କୁ ଠେଲି ଦିଅନ୍ତୁ, ମଝିଳିଆଟିକୁ ଓଲଟାଇ ରଖନ୍ତୁ ଏବଂ ସାନଟି ଉପରେ ହାତ ରଖି ଘୋଡ଼ାଇ ଦିଅନ୍ତୁ । | + | ୩ | ୨ | ୧ | ୦ | (୪୫) |
| ୪୬ । ଆପଣଙ୍କ ଆଗରେ ତିନୋଟି କାଠି ଅଛି । ସାନଟିକୁ ଗ୍ଲାସ୍ ଭିତରେ ରଖନ୍ତୁ, ମଝିଳିଆଟିକୁ ମୋତେ ଦିଅନ୍ତୁ ଏବଂ ବଡ଼ଟି ସାହାଯ୍ୟରେ ଟେବୁଲ ଉପରେ ଠକ୍ ଠକ୍ କରନ୍ତୁ । | + | ୩ | ୨ | ୧ | ୦ | (୪୬) |
| ୪୭ । ଆପଣ ତିନୋଟି ବହି ଦେଖୁଛନ୍ତି । ପ୍ରଥମଟିକୁ ଖୋଲନ୍ତୁ, ଦ୍ୱିତୀୟଟିକୁ ଓଲଟାଇ ରଖନ୍ତୁ ଏବଂ ସାନଟିକୁ ଉଠାଇ ନିଅନ୍ତୁ । | + | ୩ | ୨ | ୧ | ୦ | (୪୭) |

## କଥିତ ଶବ୍ଦର ପ୍ରଭେଦକରଣ :

*** ଏହି ବିଭାଗରେ ରୋଗୀ ଯେଉଁ ଶବ୍ଦଟି ଶୁଣିବ, ତାହା ସହିତ ଖାପ୍ ଖାଉଥିବା ଚିତ୍ରଟିକୁ ସ୍ପର୍ଶ କରିବ । ପ୍ରତ୍ୟେକ ଚିତ୍ରର ଉପରେ ତାକୁ ଚିହ୍ନଟ କରୁଥିବା ସଂଖ୍ୟାଟିଏ ଅଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ସ୍ୱରୂପ ରୋଗୀ ଯେଉଁ ଚିତ୍ରଟିକୁ ସ୍ପର୍ଶ କରିବ, ସେହି ଚିତ୍ରର ସଂଖ୍ୟାଟିକୁ (୧–୪ କିମ୍ବା ×) ପରିଧିଭୁକ୍ତ କରନ୍ତୁ । ଯଦି ରୋଗୀ କୌଣସି ଚିତ୍ର ଅଥବା '×'କୁ ସ୍ପର୍ଶ ନକରେ, ତେବେ '୦' ଥିବା ସ୍ଥାନଟିକୁ ପରିଧିଭୁକ୍ତ କରନ୍ତୁ ।

*** ଏହିଠାରୁ ବଡ଼ପାଟିରେ ପଢିବା ଆରମ୍ଭ କରନ୍ତୁ–

ଆପଣ ବର୍ତ୍ତମାନ ଗୋଟିଏ ଶବ୍ଦ ଶୁଣିବେ । ଏହି ଶବ୍ଦ ସହିତ ଯେଉଁ ଚିତ୍ରଟି ମିଶୁଥିବ, ସେଇଟିକୁ ଛୁଇଁକରି ଦେଖାଇ ଦେବେ । ଯଦି ଶବ୍ଦ ସହିତ କୌଣସି ଚିତ୍ରର ମେଳ ନ ଥିବ, ତେବେ ବଡ଼ × ଚିହ୍ନଟିକୁ ଛୁଇଁବେ । ଉଦାହରଣ ସ୍ୱରୂପ, ମୁଁ ଯଦି କୁହେ 'ହାତ', ତେବେ ଆପଣ ଏହି ଚିତ୍ରଟିକୁ ଛୁଇଁବେ କାରଣ ଏହା ଗୋଟିଏ ହାତର ଚିତ୍ର ।

ଏଥର କହନ୍ତୁ :

| | | | | | | | |
|---|---|---|---|---|---|---|---|
| ୪୮ । ମାଳ | × | ୧ | ୨ | ୩ | ୪ | ୦ | (୪୮) |
| ୪୯ । ଗାଡ଼ି | × | ୧ | ୨ | ୩ | ୪ | ୦ | (୪୯) |
| ୫୦ । ହଂସ | × | ୧ | ୨ | ୩ | ୪ | ୦ | (୫୦) |
| ୫୧ । ଘଣ୍ଟା | × | ୧ | ୨ | ୩ | ୪ | ୦ | (୫୧) |
| ୫୨ । ଥାଳି | × | ୧ | ୨ | ୩ | ୪ | ୦ | (୫୨) |
| ୫୩ । ତୋଟା | × | ୧ | ୨ | ୩ | ୪ | ୦ | (୫୩) |
| ୫୪ । ହଡ଼ା | × | ୧ | ୨ | ୩ | ୪ | ୦ | (୫୪) |
| ୫୫ । ପର | × | ୧ | ୨ | ୩ | ୪ | ୦ | (୫୫) |
| ୫୬ । ଛୁଆ | × | ୧ | ୨ | ୩ | ୪ | ୦ | (୫୬) |
| ୫୭ । ଖାତା | × | ୧ | ୨ | ୩ | ୪ | ୦ | (୫୭) |
| ୫୮ । ହାଇ | × | ୧ | ୨ | ୩ | ୪ | ୦ | (୫୮) |
| ୫୯ । ହାତ | × | ୧ | ୨ | ୩ | ୪ | ୦ | (୫୯) |
| ୬୦ । ଛାତି | × | ୧ | ୨ | ୩ | ୪ | ୦ | (୬୦) |
| ୬୧ । ଫୁଲ | × | ୧ | ୨ | ୩ | ୪ | ୦ | (୬୧) |
| ୬୨ । ଘଷ | × | ୧ | ୨ | ୩ | ୪ | ୦ | (୬୨) |
| ୬୩ । ପାନ | × | ୧ | ୨ | ୩ | ୪ | ୦ | (୬୩) |
| ୬୪ । ଚରିବା | × | ୧ | ୨ | ୩ | ୪ | ୦ | (୬୪) |
| ୬୫ । ଖଡ଼ି | × | ୧ | ୨ | ୩ | ୪ | ୦ | (୬୫) |

## ବାକ୍ୟ ବିନ୍ୟାସ ସମ୍ବନ୍ଧୀୟ ବୋଧ ଶକ୍ତି :

*** ଏହି ବିଭାଗରେ ରୋଗୀ ଯେଉଁ ବାକ୍ୟଟି ଶୁଣିବ, ତାର ଅର୍ଥ ବୁଝାଉଥିବା ଚିତ୍ରଟିକୁ ସ୍ପର୍ଶ କରିବ । ବାକ୍ୟ ଗୁଡ଼ିକୁ ସ୍ୱାଭାବିକ ଗତିରେ ପଢିବାକୁ ହେବ । ପ୍ରଶ୍ନର ଉତ୍ତର ସ୍ୱରୂପ ରୋଗୀ ଯେଉଁ ଚିତ୍ରଟିକୁ ସ୍ପର୍ଶ କରିବ, ଚିତ୍ରଟିକୁ ଚିହ୍ନଟ କରୁଥିବା ସଂଖ୍ୟାଟିକୁ ପ୍ରଦତ୍ତ ସ୍ଥାନରେ ପରିଧିଭୁକ୍ତ କରନ୍ତୁ । ୫ ସେକେଣ୍ଡ ମଧ୍ୟରେ ଯଦି ରୋଗୀ କୌଣସି ଉତ୍ତର ନ ଦିଏ ତେବେ ତାକୁ '୦' ଦେଇ ପରବର୍ତ୍ତୀ ବାକ୍ୟକୁ ଯାଆନ୍ତୁ । ରୋଗୀ ସାମନାରେ 'ବାକ୍ୟବିନ୍ୟାସ ସମ୍ବନ୍ଧୀୟ ବୋଧ ଶକ୍ତି' ଶିର୍ଷକରେ ନାମିତ ଚିତ୍ରମାଳା ଗୁଡ଼ିକୁ ଖୋଲି ରଖନ୍ତୁ ଯାହା ଦ୍ୱାରା ରୋଗୀ ଚିତ୍ର ଗୁଡ଼ିକୁ ସହଜରେ ସ୍ପର୍ଶ କରିବା ପାଇଁ ସମର୍ଥ ହେବ ।

*** ଏହିଠାରୁ ବଡ଼ ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ଆପଣ ଗୋଟିଏ ଲେଖାଏଁ ବାକ୍ୟ ଶୁଣିବାକୁ ପାଇବେ । ଯେଉଁ ଚିତ୍ରଟି ବାକ୍ୟଟିର ଅର୍ଥ ବୁଝାଉଥିବ, ତାକୁ ଛୁଇଁକରି ଦେଖାଇ ଦେବେ । ଉଦାହରଣ ସ୍ୱରୂପ ମୁଁ ଯଦି କୁହେ 'ପିଲାଟି ବସିଛି,' ତେବେ ଆପଣ ଏହି ଚିତ୍ରଟି ଛୁଇଁବେ କାରଣ ଏହା ଗୋଟିଏ ପିଲା ବସିଥିବାର ଚିତ୍ର ।

*** ପୃଷ୍ଠା ୧

| | | | | | | |
|---|---|---|---|---|---|---|
| ୬୬ । ପୁଅଟି ଝିଅଟିକୁ ଧରିଛି । | ୧ | ୨ | ୩ | ୪ | ୦ | (୬୬) |
| ୬୭ । ଝିଅଟି ପୁଅଟିକୁ ଧରିଛି । | ୧ | ୨ | ୩ | ୪ | ୦ | (୬୭) |
| ୬୮ । ଝିଅଟି ତାକୁ ଧରିଛି । | ୧ | ୨ | ୩ | ୪ | ୦ | (୬୮) |
| ୬୯ । ସେମାନେ ତାକୁ ଧରିଛନ୍ତି । | ୧ | ୨ | ୩ | ୪ | ୦ | (୬୯) |
| ୭୦ । ସେ ସେମାନଙ୍କୁ ଧରିଛି । | ୧ | ୨ | ୩ | ୪ | ୦ | (୭୦) |

*** ପୃଷ୍ଠା ୨

| | | | | | | |
|---|---|---|---|---|---|---|
| ୭୧ । ବାପ ପୁଅକୁ ଦେଖୁଛି । | ୧ | ୨ | ୩ | ୪ | ୦ | (୭୧) |
| ୭୨ । ମା ଝିଅକୁ ଦେଖୁଛି । | ୧ | ୨ | ୩ | ୪ | ୦ | (୭୨) |
| ୭୩ । ବାପ ତାକୁ ଦେଖୁଛି । | ୧ | ୨ | ୩ | ୪ | ୦ | (୭୩) |
| ୭୪ । ବାପା ନିଜକୁ ଦେଖୁଛି । | ୧ | ୨ | ୩ | ୪ | ୦ | (୭୪) |
| ୭୫ । ମା ନିଜକୁ ଦେଖୁଛି । | ୧ | ୨ | ୩ | ୪ | ୦ | (୭୫) |
| ୭୬ । ମା ତାକୁ ଦେଖୁଛି । | ୧ | ୨ | ୩ | ୪ | ୦ | (୭୬) |

*** ପୃଷ୍ଠା ୩

| | | | | | | |
|---|---|---|---|---|---|---|
| ୭୭ । ପୁଅଟି ଝିଅଟିକୁ ଗୋଡ଼ଉଛି । | ୧ | ୨ | ୩ | ୪ | ୦ | (୭୭) |
| ୭୮ । ସେ ସେମାନଙ୍କୁ ଗୋଡଉଛି । | ୧ | ୨ | ୩ | ୪ | ୦ | (୭୮) |
| ୭୯ । ସେମାନେ ତାକୁ ଗୋଡ଼ଉଛନ୍ତି । | ୧ | ୨ | ୩ | ୪ | ୦ | (୭୯) |
| ୮୦ । ପୁଅଟି ତାକୁ ଗୋଡ଼ଉଛି । | ୧ | ୨ | ୩ | ୪ | ୦ | (୮୦) |

*** ପୃଷ୍ଠା ୪

| | | | | | | |
|---|---|---|---|---|---|---|
| ୮୧ । ଝିଅଟି ପୁଅଟିକୁ ଠେଲି ଦେଉଛି । | ୧ | ୨ | ୩ | ୪ | ୦ | (୮୧) |
| ୮୨ । ପୁଅଟି ଝିଅଟିକୁ ଠେଲି ଦେଉଛି । | ୧ | ୨ | ୩ | ୪ | ୦ | (୮୨) |
| ୮୩ । ପୁଅଟିକୁ ଝିଅଟି ଠେଲି ଦେଉଛି । | ୧ | ୨ | ୩ | ୪ | ୦ | (୮୩) |
| ୮୪ । ଝିଅଟିକୁ ପୁଅଟି ଠେଲି ଦେଉଛି । | ୧ | ୨ | ୩ | ୪ | ୦ | (୮୪) |
| ୮୫ । ମୋତେ ସେଇ ପୁଅଟିକୁ ଦେଖାଅ ଯିଏ ଝିଅଟିକୁ ଠେଲିଦେଉଛି । | ୧ | ୨ | ୩ | ୪ | ୦ | (୮୫) |
| ୮୬ । ମୋତେ ସେଇ ଝିଅଟିକୁ ଦେଖାଅ ଯିଏ ପୁଅଟିକୁ ଠେଲିଦେଉଛି । | ୧ | ୨ | ୩ | ୪ | ୦ | (୮୬) |
| ୮୭ । ମୋତେ ସେଇ ପୁଅଟିକୁ ଦେଖାଅ ଯାହାକୁ ଝିଅଟି ଠେଲିଦେଉଛି । | ୧ | ୨ | ୩ | ୪ | ୦ | (୮୭) |
| ୮୮ । ମୋତେ ସେଇ ଝିଅଟିକୁ ଦେଖାଅ ଯାହାକୁ ପୁଅଟି ଠେଲିଦେଉଛି । | ୧ | ୨ | ୩ | ୪ | ୦ | (୮୮) |

*** ପୃଷ୍ଠା ୫

| | | | | | | |
|---|---|---|---|---|---|---|
| ୮୯ । କୁକୁରଟି ବିଲେଇକୁ କାମୁଡ଼ି ଦେଉଛି । | ୧ | ୨ | ୩ | ୪ | ୦ | (୮୯) |

| | | | | | | |
|---|---|---|---|---|---|---|
| ୯୦ । ବିଲେଇଟି କୁକୁରକୁ କାମୁଡ଼ି ଦେଉଛି । | ୧ | ୨ | ୩ | ୪ | ୦ | (୯୦) |
| ୯୧ । କୁକୁରକୁ ବିଲେଇଟି କାମୁଡ଼ି ଦେଉଛି । | ୧ | ୨ | ୩ | ୪ | ୦ | (୯୧) |
| ୯୨ । ବିଲେଇକୁ କୁକୁରଟି କାମଡ଼ି ଦେଉଛି । | ୧ | ୨ | ୩ | ୪ | ୦ | (୯୨) |
| ୯୩ । ମୋତେ ସେଇ କୁକୁରକୁ ଦେଖାଅ ଯିଏ ବିଲେଇକୁ କାମୁଡ଼ି ଦେଉଛି । | ୧ | ୨ | ୩ | ୪ | ୦ | (୯୩) |
| ୯୪ । ମୋତେ ସେଇ ବିଲେଇକୁ ଦେଖାଅ ଯିଏ କୁକୁରକୁ କାମୁଡ଼ିଦେଉଛି । | ୧ | ୨ | ୩ | ୪ | ୦ | (୯୪) |
| ୯୫ । ମୋତେ ସେଇ ବିଲେଇକୁ ଦେଖାଅ ଯାହାକୁ କୁକୁରଟି କାମୁଡ଼ିଦେଉଛି । | ୧ | ୨ | ୩ | ୪ | ୦ | (୯୫) |
| ୯୬ । ମୋତେ ସେଇ କୁକୁରକୁ ଦେଖାଅ ଯାହାକୁ ବିଲେଇଟି କାମୁଡ଼ିଦେଉଛି । | ୧ | ୨ | ୩ | ୪ | ୦ | (୯୬) |

*** ପୃଷ୍ଠା ୬

| | | | | | | |
|---|---|---|---|---|---|---|
| ୯୭ । ଟ୍ରକ୍‌ଟା ଗାଡ଼ିକୁ ଟାଣୁଛି । | ୧ | ୨ | ୩ | ୪ | ୦ | (୯୭) |
| ୯୮ । ଗାଡ଼ିକୁ ଟ୍ରକ୍‌ଟା ଟାଣୁଛି । | ୧ | ୨ | ୩ | ୪ | ୦ | (୯୮) |
| ୯୯ । ଗାଡ଼ିଟା ଟ୍ରକ୍‌କୁ ଟାଣୁଛି । | ୧ | ୨ | ୩ | ୪ | ୦ | (୯୯) |
| ୧୦୦ । ଟ୍ରକ୍‌କୁ ଗାଡ଼ିଟା ଟାଣୁଛି । | ୧ | ୨ | ୩ | ୪ | ୦ | (୧୦୦) |
| ୧୦୧ । ମୋତେ ସେଇ ଟ୍ରକ୍‌କୁ ଦେଖାଅ ଯେଉଁଟା ଗାଡ଼ିକୁ ଟାଣୁଛି । | ୧ | ୨ | ୩ | ୪ | ୦ | (୧୦୧) |
| ୧୦୨ । ମୋତେ ସେଇ ଗାଡ଼ିକୁ ଦେଖାଅ ଯାହାକୁ ଟ୍ରକ୍‌ଟା ଟାଣଛି । | ୧ | ୨ | ୩ | ୪ | ୦ | (୧୦୨) |
| ୧୦୩ । ମୋତେ ସେଇ ଗାଡ଼ିକୁ ଦେଖାଅ ଯେଉଁଟା ଟ୍ରକ୍‌କୁ ଟାଣୁଛି । | ୧ | ୨ | ୩ | ୪ | ୦ | (୧୦୩) |
| ୧୦୪ । ମୋତେ ସେଇ ଟ୍ରକ୍‌କୁ ଦେଖାଅ ଯାହାକୁ ଗାଡ଼ିଟା ଟାଣଛି । | ୧ | ୨ | ୩ | ୪ | ୦ | (୧୦୪) |

*** ପୃଷ୍ଠା ୭

| | | | | | | |
|---|---|---|---|---|---|---|
| ୧୦୫ । ମା ଝିଅକୁ ପିଟୁଛି । | ୧ | ୨ | ୩ | ୪ | ୦ | (୧୦୫) |
| ୧୦୬ । ବାପା ପୁଅକୁ ପିଟୁଛି । | ୧ | ୨ | ୩ | ୪ | ୦ | (୧୦୬) |
| ୧୦୭ । ମା ନିଜକୁ ପିଟୁଛି । | ୧ | ୨ | ୩ | ୪ | ୦ | (୧୦୭) |
| ୧୦୮ । ବାପା ତାକୁ ପିଟୁଛି । | ୧ | ୨ | ୩ | ୪ | ୦ | (୧୦୮) |
| ୧୦୯ । ମା ତାକୁ ପିଟୁଛି । | ୧ | ୨ | ୩ | ୪ | ୦ | (୧୦୯) |
| ୧୧୦ । ବାପା ନିଜକୁ ପିଟୁଛି । | ୧ | ୨ | ୩ | ୪ | ୦ | (୧୧୦) |

*** ପୃଷ୍ଠା ୮

| | | | | | | |
|---|---|---|---|---|---|---|
| ୧୧୧ । ଝିଅଟି ପୁଅଟିକୁ ଠେଲି ଦେଉନାହିଁ । | ୧ | ୨ | ୩ | ୪ | ୦ | (୧୧୧) |
| ୧୧୨ । ପୁଅଟି ଝିଅଟିକୁ ଠେଲି ଦେଉନାହିଁ । | ୧ | ୨ | ୩ | ୪ | ୦ | (୧୧୨) |
| ୧୧୩ । ଝିଅଟିକୁ ପୁଅଟି ଠେଲି ଦେଉନାହିଁ । | ୧ | ୨ | ୩ | ୪ | ୦ | (୧୧୩) |
| ୧୧୪ । ପୁଅଟିକୁ ଝିଅଟି ଠେଲି ଦେଉନାହିଁ । | ୧ | ୨ | ୩ | ୪ | ୦ | (୧୧୪) |

*** ପୃଷ୍ଠା ୯.

| | | | | |
|---|---|---|---|---|
| ୧୧୫ । ଝିଅଟି ପୁଅଟିକୁ ଗୋଡଉନାହିଁ । | ୧ | ୨ | ୦ | (୧୧୫) |
| ୧୧୬ । ପୁଅଟି ଝିଅଟିକୁ ଗୋଡଉନାହିଁ । | ୧ | ୨ | ୦ | (୧୧୬) |
| ୧୧୭ । ଝିଅଟି ପୁଅଟିକୁ ଗୋଡ଼ଉଛି । | ୧ | ୨ | ୦ | (୧୧୭) |
| ୧୧୮ । ପୁଅଟିକୁ ଝିଅଟି ଗୋଡ଼ଉନାହିଁ । | ୧ | ୨ | ୦ | (୧୧୮) |

| | | | | |
|---|---|---|---|---|
| ୧୧୯ । ଝିଅଟିକୁ ପୁଅଟି ଗୋଡ଼ଉନାହିଁ । | ୧ | ୨ | ୦ | (୧୧୯) |
| ୧୨୦ । ଝିଅଟିକୁ ପୁଅଟି ଗୋଡ଼ଉଛି । | ୧ | ୨ | ୦ | (୧୨୦) |

*** ପୃଷ୍ଠା ୧୦

| | | | | |
|---|---|---|---|---|
| ୧୨୧ । ଟ୍ରକ୍‌ଟା ଗାଡ଼ିକୁ ଟାଣୁନାହିଁ । | ୧ | ୨ | ୦ | (୧୨୧) |
| ୧୨୨ । ଟ୍ରକ୍‌କୁ ଗାଡ଼ିଟା ଟାଣୁନାହିଁ । | ୧ | ୨ | ୦ | (୧୨୨) |
| ୧୨୩ । ଗାଡ଼ିଟା ଟ୍ରକ୍‌କୁ ଟାଣୁନାହିଁ । | ୧ | ୨ | ୦ | (୧୨୩) |
| ୧୨୪ । ଗାଡ଼ିକୁ ଟ୍ରକ୍‌ଟା ଟାଣୁନାହିଁ । | ୧ | ୨ | ୦ | (୧୨୪) |

*** ପୃଷ୍ଠା ୧୧

| | | | | |
|---|---|---|---|---|
| ୧୨୫ । ପୁଅ ମାକୁ ନିଦରୁ ଉଠାଉନାହିଁ । | ୧ | ୨ | ୦ | (୧୨୫) |
| ୧୨୬ । ମା ପୁଅକୁ ନିଦରୁ ଉଠାଉନାହିଁ । | ୧ | ୨ | ୦ | (୧୨୬) |
| ୧୨୭ । ପୁଅକୁ ମା ନିଦରୁ ଉଠାଉନାହିଁ । | ୧ | ୨ | ୦ | (୧୨୭) |
| ୧୨୮ । ମା କୁ ପୁଅ ନିଦରୁ ଉଠାଉନାହିଁ । | ୧ | ୨ | ୦ | (୧୨୮) |

*** ପୃଷ୍ଠା ୧୨

| | | | | |
|---|---|---|---|---|
| ୧୨୯ । କୁକୁରକୁ ବିଲେଇ କାମୁଡୁନାହିଁ । | ୧ | ୨ | ୦ | (୧୨୯) |
| ୧୩୦ । ବିଲେଇକୁ କୁକୁର କାମୁଡୁନାହିଁ । | ୧ | ୨ | ୦ | (୧୩୦) |
| ୧୩୧ । କୁକୁର ବିଲେଇକୁ କାମୁଡୁନାହିଁ । | ୧ | ୨ | ୦ | (୧୩୧) |
| ୧୩୨ । ବିଲେଇ କୁକୁରକୁ କାମୁଡୁନାହିଁ । | ୧ | ୨ | ୦ | (୧୩୨) |

*** ପୃଷ୍ଠା ୧୩

| | | | | |
|---|---|---|---|---|
| ୧୩୩ । ପୁଲିସ୍ ଚୋରକୁ ଧରିନାହିଁ । | ୧ | ୨ | ୦ | (୧୩୩) |
| ୧୩୪ । ଚୋରକୁ ପୁଲିସ୍ ଧରିନାହିଁ । | ୧ | ୨ | ୦ | (୧୩୪) |
| ୧୩୫ । ଚୋର ପୁଲିସ୍‌କୁ ଧରିନାହିଁ । | ୧ | ୨ | ୦ | (୧୩୫) |
| ୧୩୬ । ପୁଲିସ୍‌କୁ ଚୋର ଧରିନାହିଁ । | ୧ | ୨ | ୦ | (୧୩୬) |

*** ପୃଷ୍ଠା ୧୪

| | | | | |
|---|---|---|---|---|
| ୧୩୭ । ମା ର ଛୁଆକୁ ଦେଖାଅ । | ୧ | ୨ | ୦ | (୧୩୭) |

*** ପୃଷ୍ଠା ୧୫

| | | | | |
|---|---|---|---|---|
| ୧୩୮ । କୁକୁରର ମାଲିକକୁ ଦେଖାଅ । | ୧ | ୨ | ୦ | (୧୩୮) |

*** ପୃଷ୍ଠା ୧୬

| | | | | |
|---|---|---|---|---|
| ୧୩୯ । ଏହି ଫୁଲର ଫୁଲଦାନୀଟିକୁ ଦେଖାଅ । | ୧ | ୨ | ୦ | (୧୩୯) |

*** ପୃଷ୍ଠା ୧୭

| | | | | |
|---|---|---|---|---|
| ୧୪୦ । ଏହି ଶିକ୍ଷୟତ୍ରୀଙ୍କର ଶ୍ରେଣୀକୁ ଦେଖାଅ । | ୧ | ୨ | ୦ | (୧୪୦) |

*** ପୃଷ୍ଠା ୧୮

| | | | | |
|---|---|---|---|---|
| ୧୪୧ । ଧୂଆ ଲୁଗା | ୧ | ୨ | ୦ | (୧୪୧) |

*** ପୃଷ୍ଠା ୧୯

| | | | | |
|---|---|---|---|---|
| ୧୪୨ । ଘର ଭଙ୍ଗା | ୧ | ୨ | ୦ | (୧୪୨) |

*** ପୃଷ୍ଠା ୨୦

| | | | | |
|---|---|---|---|---|
| ୧୪୩ । ଭଡା ଘର | ୧ | ୨ | ୦ | (୧୪୩) |

*** ପୃଷ୍ଠା ୨୧

| | | | | |
|---|---|---|---|---|
| ୧୪୪ । ପାଣି କଳ | ୧ | ୨ | ୦ | (୧୪୪) |

*** ପୃଷ୍ଠା ୨୨

| | | | | |
|---|---|---|---|---|
| ୧୪୫ । ଛୁଆର ମା'କୁ ଦେଖାଅ | ୧ | ୨ | ୦ | (୧୪୫) |

*** ପୃଷ୍ଠା ୨୩

| | | | | |
|---|---|---|---|---|
| ୧୪୬ । ମାଲିକଙ୍କର କୁକୁରକୁ ଦେଖାଅ । | ୧ | ୨ | ୦ | (୧୪୬) |

*** ପୃଷ୍ଠା ୨୪

| | | | | |
|---|---|---|---|---|
| ୧୪୭ । ଫୁଲଦାନୀର ଫୁଲଟିକୁ ଦେଖାଅ । | ୧ | ୨ | ୦ | (୧୪୭) |

*** ପୃଷ୍ଠା ୨୫

| | | | | |
|---|---|---|---|---|
| ୧୪୮ । ଶ୍ରେଣୀର ଶିକ୍ଷୟତ୍ରୀଙ୍କୁ ଦେଖାଅ । | ୧ | ୨ | ୦ | (୧୪୮) |

*** ପୃଷ୍ଠା ୨୬

| | | | | |
|---|---|---|---|---|
| ୧୪୯ । ଲୁଗା ଧୂଆ | ୧ | ୨ | ୦ | (୧୪୯) |

*** ପୃଷ୍ଠା ୨୭

| | | | | |
|---|---|---|---|---|
| ୧୫୦ । ଭଙ୍ଗା ଘର | ୧ | ୨ | ୦ | (୧୫୦) |

*** ପୃଷ୍ଠା ୨୮

| | | | | |
|---|---|---|---|---|
| ୧୫୧ । ଘର ଭଡା | ୧ | ୨ | ୦ | (୧୫୧) |

*** ପୃଷ୍ଠା ୨୯

| | | | | |
|---|---|---|---|---|
| ୧୫୨ । କଳ ପାଣି | ୧ | ୨ | ୦ | (୧୫୨) |

## ଅର୍ଥର ସଂଗତ :

*** ବଡ଼ ପାଟିରେ ପଢ଼ନ୍ତୁ ।

ଆପଣ ବର୍ତ୍ତମାନ ଚାରିଟି ଶବ୍ଦ ଶୁଣିବେ । ସେଥି ମଧ୍ୟରୁ କେଉଁ ଶବ୍ଦଟି ଭିନ୍ନ ଶ୍ରେଣୀ ଭୁକ୍ତ କହିବେ । ଉଦାହରଣ ସ୍ୱରୂପ ଯଦି ଆପଣ ଶୁଣିବେ—ଧୋତି, ଗେଞ୍ଜି, ହାତୀ ଓ ଟୋପି ତେବେ ଆପଣ ସେଥି ମଧ୍ୟରୁ 'ହାତୀ'କୁ ବାଛିବେ ।

ଏଥର କୁହନ୍ତୁ :

| | | | | | | | | | |
|---|---|---|---|---|---|---|---|---|---|
| ୧୫୩ । ୧ ଗୋଲାପ | ୨-ମଲ୍ଲୀ | ୩-ବେଙ୍ଗ | ୪-ଚମ୍ପା | ୧ | ୨ | ୩ | ୪ | ୦ | (୧୫୩) |
| ୧୫୪ । ୧-କୋବି | ୨-କମଳା | ୩-କଦଳୀ | ୪-ଆମ୍ବ | ୧ | ୨ | ୩ | ୪ | ୦ | (୧୫୪) |
| ୧୫୫ । ୧-ହାତ | ୨-ପାଦ | ୩-ଛତା | ୪-କାନ | ୧ | ୨ | ୩ | ୪ | ୦ | (୧୫୫) |
| ୧୫୬ । ୧-ଚୌକି | ୨-ଟେବୁଲ | ୩-ଖଟ | ୪-ଗାଡ଼ି | ୧ | ୨ | ୩ | ୪ | ୦ | (୧୫୬) |
| ୧୫୭ । ୧-କାଉ | ୨-ମାଛ | ୩-ପାରା | ୪-ଶାଗୁଣା | ୧ | ୨ | ୩ | ୪ | ୦ | (୧୫୭) |

**ପ୍ରତଶଢ :**

*** ରୋଗୀକୁ ନିମ୍ନଲିଖିତ ନିର୍ଦ୍ଦେଶଗୁଡ଼ିକୁ ପଢି ଶୁଣାନ୍ତୁ ।

ମୁଁ ପ୍ରଥମେ ଆପଣଙ୍କୁ ଗୋଟିଏ ଶବ୍ଦ ଦେବି । ଏହା ପରେ ପରେ ଆହୁରି ୪ଟି ଶବ୍ଦ କହିବି । ଏଥି ମଧ୍ୟରୁ ପ୍ରଥମ ଶବ୍ଦର ଅର୍ଥ ସହିତ ସାମଞ୍ଜସ୍ୟ ଥିବା ଶବ୍ଦଟିକୁ ଖୋଜି ବାହାର କରିବେ ।

ଉଦାହରଣ : ବାକ୍ସ ୧-ବହି ୨-ସିନ୍ଦୁକ ୩-କାଠ ୪-ଛତା ।

ଆପଣ ଉପରୋକ୍ତ ଚାରିଟି ଶବ୍ଦ ମଧ୍ୟରୁ ସିନ୍ଦୁକକୁ ବାଛିବେ କାରଣ ସିନ୍ଦୁକର ଅର୍ଥ ଗୋଟିଏ ବଡ଼ ବାକ୍ସ ।

| | | | | | | | | | | |
|---|---|---|---|---|---|---|---|---|---|---|
| ୧୫୮ । ଘଣ୍ଟା: | ୧-ଚାବି | ୨-ରେଡ଼ିଓ | ୩-ଘଡ଼ି | ୪-କୋବି | ୧ | ୨ | ୩ | ୪ | ୦ | (୧୫୮) |
| ୧୫୯ । ପେନ୍‌ସିଲ: | ୧-ଟୋପି | ୨-ଗୋଲାପ ଫୁଲ | ୩-ଦିଆସିଲି | ୪-କଲମ | ୧ | ୨ | ୩ | ୪ | ୦ | (୧୫୯) |
| ୧୬୦ । ଶାଢ଼ୀ: | ୧-ଧୋତି | ୨-ମୁଦି | ୩-ମୂଷା | ୪-ଆଳୁ | ୧ | ୨ | ୩ | ୪ | ୦ | (୧୬୦) |
| ୧୬୧ । ଚଟି: | ୧-ଚକ | ୨-ଜୋତା | ୩-ଚିଠି | ୪-ବଗିଚା | ୧ | ୨ | ୩ | ୪ | ୦ | (୧୬୧) |
| ୧୬୨ । ନାଆ: | ୧-ଥାଳି | ୨-ବୋଇତ | ୩-ଖବର କାଗଜ | ୪-ଗଛ | ୧ | ୨ | ୩ | ୪ | ୦ | (୧୬୨) |

**ବିପରୀତ ଅର୍ଥବୋଧକ ଶବ୍ଦ :**

*** ରୋଗୀକୁ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶ ଗୁଡ଼ିକୁ ପଢି ଶୁଣାନ୍ତୁ ।

ଆପଣ ବର୍ତ୍ତମାନ ଗୋଟିଏ ଶବ୍ଦ ଶୁଣିବେ ଏବଂ ତା' ପରେ ପରେ ଚାରୋଟି ଶବ୍ଦ ଶୁଣିବେ । ଏଥିମଧ୍ୟରୁ ପ୍ରଥମ ଶବ୍ଦ ସହିତ କେଉଁଟିର ବିପରୀତ ଅର୍ଥ ଥିବ କହିବେ । ଉଦାହରଣ ସ୍ୱରୂପ ଯଦି ଆପଣ ଶୁଣିବେ 'ମୋଟା' ଏବଂ ତା'ପରେ ଆଉ ଚାରୋଟି ଶବ୍ଦ ଯଥା: ଡେଙ୍ଗା, ପତଳା, ରୋଗ ଓ ଛୋଟା ତେବେ ସେଥିରୁ ଆପଣ ବାଛିବେ 'ପତଳା', କାରଣ ମୋଟାର ବିପରୀତ ଅର୍ଥ ହେଲା 'ପତଳା' ଏଥର କୁହନ୍ତୁ ।

| | | | | | | | | | | |
|---|---|---|---|---|---|---|---|---|---|---|
| ୧୬୩ । ଧନୀ : | ୧-ଦୁଷ୍ଟ | ୨-ଗରିବ | ୩-ସୁଖୀ | ୪-କଳା | ୧ | ୨ | ୩ | ୪ | ୦ | (୧୬୩) |
| ୧୬୪ । ସାନ : | ୧-ରୋଗା | ୨-ସୁନ୍ଦର | ୩ ବଡ଼ | ୪-ଛୋଟ | ୧ | ୨ | ୩ | ୪ | ୦ | (୧୬୪) |
| ୧୬୫ । ରୋଗୀ : | ୧-ଦୁଃଖୀ | ୨-ସୁସ୍ଥ | ୩-ଜୀଅନ୍ତା | ୪-ଶାନ୍ତ | ୧ | ୨ | ୩ | ୪ | ୦ | (୧୬୫) |
| ୧୬୬ । ଭୁଲ୍ : | ୧-କଷ୍ଟ | ୨-କଉତୁକିଆ | ୩-ସହଜ | ୪-ଠିକ୍ | ୧ | ୨ | ୩ | ୪ | ୦ | (୧୬୬) |
| ୧୬୭ । ଦାନୀ : | ୧-କଞ୍ଜୁସ୍ | ୨-ଭଲ | ୩-ମନ୍ଦ | ୪-ପାପୀ | ୧ | ୨ | ୩ | ୪ | ୦ | (୧୬୭) |

*** କିଛି ସମୟ ରହିଯାଇ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶକୁ ରୋଗୀକୁ ପଢି ଶୁଣାନ୍ତୁ ।

ପ୍ରତ୍ୟେକ ପ୍ରଶ୍ନ ପାଇଁ ଯେଉଁ ତିନୋଟି ଉତ୍ତର ଆପଣ ଶୁଣିବେ, ସେ ଗୁଡ଼ିକ ଏକାଭଳି ମନେ ହେଉଥିଲେ ମଧ୍ୟ ସେଥିରୁ କେବଳ ଗୋଟିଏ ମାତ୍ର ଉତ୍ତର ଠିକ୍ । ଏଥର ପ୍ରତ୍ୟେକ ଶବ୍ଦର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଟିକୁ ବାଛନ୍ତୁ ।

| | | | | | | | | |
|---|---|---|---|---|---|---|---|---|
| ୧୬୮ । ସାହସୀ: | ୧-ଡ଼ରୁଆ | ୨-ଡ଼ର | ୩-ଡ଼ରରେ | ୧ | ୨ | ୩ | ୦ | (୧୬୮) |
| ୧୬୯ । ନିର୍ଦ୍ଦୟ : | ୧-ଦୟା | ୨-ଦୟାରେ | ୩-ଦୟାଳୁ | ୧ | ୨ | ୩ | ୦ | (୧୬୯) |
| ୧୭୦ । ଦୁଃଖ : | ୧-ସୁଖରେ | ୨-ସୁଖୀ | ୩-ସୁଖ | ୧ | ୨ | ୩ | ୦ | (୧୭୦) |
| ୧୭୧ । କାନ୍ଦ : | ୧-ହସ | ୨-ହସକୁରା | ୩-ହସରେ | ୧ | ୨ | ୩ | ୦ | (୧୭୧) |
| ୧୭୨ । ଉପର : | ୧-ତଳ | ୨-ତଳୁଆ | ୪-ତଳେ | ୧ | ୨ | ୩ | ୦ | (୧୭୨) |

**ବ୍ୟାକରଣଗତ ବର୍ଗୀକରଣ :**

*** ନିମ୍ନଲିଖିତ ପ୍ରତିଟି ପ୍ରଶ୍ନର ଉତ୍ତର ସ୍ୱରୂପ ରୋଗୀ ଯଦି 'ହିଁ' କରେ ତେବେ ସେଥିରେ "+" ଏବଂ ଯଦି ନାଁ କରେ ତେବେ ସେଥିରେ "–" ଦେଇ ମୂଲ୍ୟାଙ୍କନ କରନ୍ତୁ ।

*** ନିମ୍ନରେ ପ୍ରଦତ୍ତ ନିର୍ଦ୍ଦେଶ ଗୁଡ଼ିକୁ ରୋଗୀକୁ ବଡ଼ପାଟିରେ ପଢ଼ି ଶୁଣାନ୍ତୁ । ବର୍ତ୍ତମାନ ଆପଣ କେତେଗୁଡ଼ିଏ ବାକ୍ୟ ଶୁଣିବେ । ଏଗୁଡ଼ିକ ନିର୍ଭୁଲ ଓଡ଼ିଆ ବାକ୍ୟ କି ନୁହେଁ, କହିବେ । ଉଦାହରଣ ସ୍ୱରୂପ : "ପିଲାଟି ଖଟ ଉପରେ ଶୋଇଛି"—ଏହା ଗୋଟିଏ ନିର୍ଭୁଲ ଓଡ଼ିଆ ବାକ୍ୟ କି ବୋଲି ଯଦି ଆପଣଙ୍କୁ ପଚରାଯାଏ, ତେବେ ଆପଣ 'ହଁ' କରିବେ । କିନ୍ତୁ ଯଦି କୁହାଯାଏ—ଉପରେ ଖଟ ଶୋଇଛି ପିଲା' ତେବେ କହିବେ 'ନାଁ', ଏଥର କୁହନ୍ତୁ :

| | | | | | |
|---|---|---|---|---|---|
| ୧୭୩ । ସେ ଝିଅଟିକୁ ଠେଲି ଦେଉଛି । | ବିଗ୍ୱର | + | – | ୦ | (୧୭୩) |
| ୧୭୪ । ଗାଡ଼ିରୁ ଟ୍ରକ୍ ଟାଣୁଛିକୁ । | ବିଗ୍ୱର | + | – | ୦ | (୧୭୪) |
| ୧୭୫ । କୁକୁରକୁ ବିଲେଇର କାମୁଡୁଛି । | ବିଗ୍ୱର | + | – | ୦ | (୧୭୫) |
| ୧୭୬ । ବାପା ଦେଖୁ ପୁଅକୁ ନାହାଁନ୍ତି । | ବିଗ୍ୱର | + | – | ୦ | (୧୭୬) |
| ୧୭୭ । ଟ୍ରକ୍‌କୁ ଗାଡ଼ିଟା ଟାଣୁଛି । | ବିଗ୍ୱର | + | – | ୦ | (୧୭୭) |
| ୧୭୮ । ମୋତେ ସେଇ ଝିଅଟି ପୁଅଟିକୁ ଦେଖାଅ ଯିଏ ଗୋଡ଼ଉଛି । | ବିଗ୍ୱର | + | – | ୦ | (୧୭୮) |
| ୧୭୯ । ଚୋର ପୁଲିସ୍ ଧରିଛିକୁ । | ବିଗ୍ୱର | + | – | ୦ | (୧୭୯) |
| ୧୮୦ । ମା'କୁ ଉଠଉଛି ନାହିଁ ପୁଅ । | ବିଗ୍ୱର | + | – | ୦ | (୧୮୦) |
| ୧୮୧ । ମୋତେ ସେଇ ପୁଅଟିକୁ ଦେଖାଅ ଯିଏ ଝିଅଟିକୁ ଠେଲି ଦେଉଛି । | ବିଗ୍ୱର | + | – | ୦ | (୧୮୧) |
| ୧୮୨ । କୁକୁରକୁ ନାହିଁ ବିଲେଇ କାମୁଡୁଛି । | ବିଗ୍ୱର | + | – | ୦ | (୧୮୨) |

## ଅର୍ଥର ଗ୍ରହଣ ଯୋଗ୍ୟତା :

*** ନିମ୍ନରେ ପ୍ରଦତ୍ତ ନିର୍ଦ୍ଦେଶଗୁଡ଼ିକୁ ରୋଗୀକୁ ବଡ଼ ପାଟିରେ ପଢ଼ି ଶୁଣାନ୍ତୁ ।

ଏଇ ଯେଉଁ କେତେଗୁଡ଼ିଏ ବାକ୍ୟ ଶୁଣିବେ, ସେ ଗୁଡ଼ିକ ବ୍ୟାକରଣ ଅନୁଯାୟୀ ନିର୍ଭୁଲ ହେଲେ ମଧ୍ୟ ସେଗୁଡ଼ିକର କୌଣସି ଅର୍ଥ ନାହିଁ । ଉଦାହରଣ ସ୍ୱରୂପ ମୁଁ ଯଦି ପଚ୍ଚରେ—'ଝିଅଟି ପେନ୍‌ସିଲ୍‌ରେ ବାଳ କାଟୁଛି'—ଏହାର କୌଣସି ଅର୍ଥ ଅଛି କି ? ତେବେ ଉତ୍ତରରେ ଆପଣ କହିବେ 'ନାଁ', କିନ୍ତୁ 'ଝିଅଟି କଇଁଚିରେ ବାଳ କାଟୁଛି"—ଏହାର ଅର୍ଥ ଅଛି । ତେଣୁ ଉତ୍ତରରେ ଆପଣ 'ହଁ' କହିବେ ।

| | | | | | |
|---|---|---|---|---|---|
| ୧୮୩ । ସୂର୍ଯ୍ୟ ରାତିରେ ଉଦୟ ହୁଅନ୍ତି । | ବିଗ୍ୱର | + | – | ୦ | (୧୮୩) |
| ୧୮୪ । ବିଲେଇଟି ଖଟ ତଳେ ଶୋଇଛି । | ବିଗ୍ୱର | + | – | ୦ | (୧୮୪) |
| ୧୮୫ । ଫୁଲଗୁଡ଼ିକ ତରକାରୀରେ ଫୁଟୁଛନ୍ତି । | ବିଗ୍ୱର | + | – | ୦ | (୧୮୫) |
| ୧୮୬ । ଟଙ୍କା ଗଛରେ ଫଳେ । | ବିଗ୍ୱର | + | – | ୦ | (୧୮୬) |
| ୧୮୭ । ସେ ଗୋଟିଏ ନୂଆ ଶାଢ଼ୀ ପିନ୍ଧିଛି । | ବିଗ୍ୱର | + | – | ୦ | (୧୮୭) |
| ୧୮୮ । ଡ଼ଙ୍ଗାଟା ଆକାଶରେ ଉଡୁଛି । | ବିଗ୍ୱର | + | – | ୦ | (୧୮୮) |
| ୧୮୯ । ବେଙ୍ଗ ମଣିଷଟାକୁ ଗିଳିଦେଲା । | ମଗ୍ୱର | + | – | ୦ | (୧୮୯) |
| ୧୯୦ । ସେମାନେ ପ୍ରତିଦିନ ଖବରକାଗଜ ଖାଆନ୍ତି । | ବିଗ୍ୱର | + | – | ୦ | (୧୯୦) |
| ୧୯୧ । ସେ ଆଇନା ଆଗରେ ମୁଣ୍ଡ କୁଣ୍ଡାଉଛି । | ବିଗ୍ୱର | + | – | ୦ | (୧୯୧) |
| ୧୯୨ । ସେ ଗରମ ବାଲି ପିଉଛି । | ବିଗ୍ୱର | + | – | ୦ | (୧୯୨) |

## ଶବ୍ଦର ପୁନରାବୃତ୍ତି ଏବଂ ଶବ୍ଦଗତ ବିଚାର :

*** ଏହି ବିଭାଗରେ ରୋଗୀଙ୍କୁ ଦୁଇଟି ବିଷୟରେ ପରୀକ୍ଷା କରାଯିବ ।

(୧) ଶବ୍ଦ ପୁନରାବୃତ୍ତି କରିପାରିବାର ଶକ୍ତି । (୨) ଯେଉଁ ଶବ୍ଦଟି ସେ ଶୁଣୁଛି, ତାହା ଗୋଟିଏ ନିର୍ଭୁଲ ଓଡ଼ିଆ ଶବ୍ଦ କି ନୁହେଁ, ତାହା ବିଚାର କରି ପାରିବାର କ୍ଷମତା । ପ୍ରତିଟି ଶବ୍ଦକୁ ପଢ଼ି ସାରିବା ପରେ, ରୋଗୀ ତାହା ପୁନରାବୃତ୍ତି କରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ରୋଗୀ ଯାହା ଶୁଣିବ, ତାକୁ ସେହିପରି ଭାବରେ କହିବା ଆବଶ୍ୟକ । ରୋଗୀ ଯଦି ନିର୍ଭୁଲ ଭାବରେ ଶବ୍ଦଟି ଉଚ୍ଚାରଣ କରେ ତେବେ ଉତ୍ତର ପାଇଁ ଦିଆଯାଇଥିବା ସ୍ଥାନରେ '+'କୁ ଏବଂ ଯଦି ଭୁଲ୍ ଉଚ୍ଚାରଣ କରେ '–'କୁ ପରିଧିଭୁକ୍ତ କରନ୍ତୁ । ଯଦି ୫ସେକେଣ୍ଡ ମଧ୍ୟରେ ରୋଗୀ କୌଣସି ଉତ୍ତର ନଦିଏ, ତେବେ '୦'କୁ ପରିଧିଭୁକ୍ତ କରନ୍ତୁ ।

*** ରୋଗୀ ଶୁଣିଥିବା ଶବ୍ଦର ପୁନରାବୃତ୍ତି କରିବା ପରେ ଅଥବା ନୀରବ ରହିବା ପରେ ତାକୁ ପଚାରିବାକୁ ହେବ ଯେ ଏହା ଏକ ଓଡ଼ିଆ ଶବ୍ଦ କି ନୁହେଁ । ଯଦି ରୋଗୀର ବିଚାରରେ ଏହା ଏକ ଓଡ଼ିଆ ଶବ୍ଦ, ତେବେ ବିଚାର ସ୍ଥାନରେ ଦିଆଯାଇଥିବା '+'କୁ ପରିଧି-ଭୁକ୍ତ କରନ୍ତୁ । ଯଦି ରୋଗୀର ମତରେ ଓଡ଼ିଆ ଭାଷାରେ ଏଭଳି ଶବ୍ଦ ନାହିଁ, ତେବେ '–'କୁ ପରିଧିଭୁକ୍ତ କରନ୍ତୁ ଏବଂ ଯଦି ୫ ସେକେଣ୍ଡ ମଧ୍ୟରେ ରୋଗୀ କୌଣସି ଉତ୍ତର ନଦିଏ, ତେବେ ବିଚାର ସ୍ଥାନରେ '୦' ଦେଇ ପରବର୍ତ୍ତୀ ଶବ୍ଦକୁ ଯାଆନ୍ତୁ ।

*** ଟେପ୍ ରେକର୍ଡର ଚଳାଇ ଏହିଠାରୁ ପଢ଼ିବା ଆରମ୍ଭ କରନ୍ତୁ ।

ମୁଁ ଆପଣଙ୍କୁ କେତୋଟି ଶବ୍ଦ ଆବୃତ୍ତି କରିବାକୁ କହିବି । ଏଥି ମଧ୍ୟରୁ କେତେକ ଓଡ଼ିଆ ଶବ୍ଦ ଅଟନ୍ତି । ଅନ୍ୟ କେତେକ ଓଡ଼ିଆ ଶବ୍ଦ ନୁହଁନ୍ତି । ସେମାନଙ୍କର କୌଣସି ଅର୍ଥ ନାହିଁ । ମୁଁ ଯେଉଁ ଯେଉଁ ଶବ୍ଦ କହିବି, ମୋ ପରେ ପରେ ଆପଣ ସେହି ଶବ୍ଦ ଗୁଡ଼ିକୁ କୁହନ୍ତୁ ଏବଂ ଓଡ଼ିଆ ଭାଷାରେ ଏଭଳି ଶବ୍ଦ ଅଛି କି ନାହିଁ କୁହନ୍ତୁ ।

| | | | | | |
|---|---|---|---|---|---|
| ୧୯୩ । ଘର | ପୁନରାବୃତ୍ତି | + | – | ୦ | (୧୯୩) |
| | ବିଚାର | + | – | ୦ | (୧୯୪) |
| ୧୯୫ । ମାଛ | ପୁନରାବୃତ୍ତି | + | – | ୦ | (୧୯୫) |
| | ବିଚାର | + | – | ୦ | (୧୯୬) |
| ୧୯୭ । ଆମ୍ବ | ପୁନରାବୃତ୍ତି | + | – | ୦ | (୧୯୭) |
| | ବିଚାର | + | – | ୦ | (୧୯୮) |
| ୧୯୯ । ଝିର | ପୁନରାବୃତ୍ତି | + | – | ୦ | (୧୯୯) |
| | ବିଚାର | + | – | ୦ | (୨୦୦) |
| ୨୦୧ । ହାଣ୍ଡି | ପୁନରାବୃତ୍ତି | + | – | ୦ | (୨୦୧) |
| | ବିଚାର | + | – | ୦ | (୨୦୨) |
| ୨୦୩ । ସେପ | ପୁନରାବୃତ୍ତି | + | – | ୦ | (୨୦୩) |
| | ବିଚାର | + | – | ୦ | (୨୦୪) |
| ୨୦୫ । ଆଠି | ପୁନରାବୃତ୍ତି | + | – | ୦ | (୨୦୫) |
| | ବିଚାର | + | – | ୦ | (୨୦୬) |
| ୨୦୭ । ଗାଡ଼ି | ପୁନରାବୃତ୍ତି | + | – | ୦ | (୨୦୭) |
| | ବିଚାର | + | – | ୦ | (୨୦୮) |
| ୨୦୯ । ଘଣ୍ଟି | ପୁନରାବୃତ୍ତି | + | – | ୦ | (୨୦୯) |
| | ବିଚାର | + | – | ୦ | (୨୧୦) |
| ୨୧୧ । ଗପ | ପୁନରାବୃତ୍ତି | + | – | ୦ | (୨୧୧) |
| | ବିଚାର | + | – | ୦ | (୨୧୨) |

| | | | | | |
|---|---|---|---|---|---|
| ୨୧୩ । ଦନ୍ତା | ପୁନରବୃତ୍ତି | + | − | ० | (୨୧୩) |
| | ବିସ୍ମର | + | − | ० | (୨୧୪) |
| ୨୧୫ । ସୁନା | ପୁନରବୃତ୍ତି | + | − | ० | (୨୧୫) |
| | ବିସ୍ମର | + | − | ० | (୨୧୬) |
| ୨୧୭ । ଗୋରୁ | ପୁନରବୃତ୍ତି | + | − | ० | (୨୧୭) |
| | ବିସ୍ମର | + | − | ० | (୨୧୮) |
| ୨୧୯ । ଦୁମ | ପୁନରବୃତ୍ତି | + | − | ० | (୨୧୯) |
| | ବିସ୍ମର | + | − | ० | (୨୨୦) |
| ୨୨୧ । ଝୁଣା | ପୁନରବୃତ୍ତି | + | − | ० | (୨୨୧) |
| | ବିସ୍ମର | + | − | ० | (୨୨୨) |
| ୨୨୩ । ସରସ | ପୁନରବୃତ୍ତି | + | − | ० | (୨୨୩) |
| | ବିସ୍ମର | + | − | ० | (୨୨୪) |
| ୨୨୫ । ଲବଙ୍ଗ | ପୁନରବୃତ୍ତି | + | − | ० | (୨୨୫) |
| | ବିସ୍ମର | + | − | ० | (୨୨୬) |
| ୨୨୭ । ଚଇଟା | ପୁନରବୃତ୍ତି | + | − | ० | (୨୨୭) |
| | ବିସ୍ମର | + | − | ० | (୨୨୮) |
| ୨୨୯ । ନାଉରୀ | ପୁନରବୃତ୍ତି | + | − | ० | (୨୨୯) |
| | ବିସ୍ମର | + | − | ० | (୨୩୦) |
| ୨୩୧ । ଆଲୁଣା | ପୁନରବୃତ୍ତି | + | − | ० | (୨୩୧) |
| | ବିସ୍ମର | + | − | ० | (୨୩୨) |
| ୨୩୩ । ଗେହଳା | ପୁନରବୃତ୍ତି | + | − | ० | (୨୩୩) |
| | ବିସ୍ମର | + | − | ० | (୨୩୪) |
| ୨୩୫ । ସୈନିକ | ପୁନରବୃତ୍ତି | + | − | ० | (୨୩୫) |
| | ବିସ୍ମର | + | − | ० | (୨୩୬) |
| ୨୩୭ । ଗଞ୍ଜଣା | ପୁନରବୃତ୍ତି | + | − | ० | (୨୩୭) |
| | ବିସ୍ମର | + | − | ० | (୨୩୮) |
| ୨୩୯ । ସନମନ୍ତ | ପୁନରବୃତ୍ତି | + | − | ० | (୨୩୯) |
| | ବିସ୍ମର | + | − | ० | (୨୪୦) |
| ୨୪୧ । ଅଳଙ୍କାର | ପୁନରବୃତ୍ତି | + | − | ० | (୨୪୧) |
| | ବିସ୍ମର | + | − | ० | (୨୪୨) |
| ୨୪୩ । ପୁରସ୍କାର | ପୁନରବୃତ୍ତି | + | − | ० | (୨୪୩) |
| | ବିସ୍ମର | + | − | ० | (୨୪୪) |
| ୨୪୫ । ସୁନାମୁଦି | ପୁନରବୃତ୍ତି | + | − | ० | (୨୪୫) |
| | ବିସ୍ମର | + | − | ० | (୨୪୬) |
| ୨୪୭ । ବାତୁସିଆ | ପୁନରବୃତ୍ତି | + | − | ० | (୨୪୭) |
| | ବିସ୍ମର | + | − | ० | (୨୪୮) |

| | | | | | |
|---|---|---|---|---|---|
| ୨୪୯ । ନବରତ୍ନ | ପୁନରାବୃତ୍ତି | + | − | ୦ | (୨୪୯) |
| | ବିଗ୍ରହ | + | − | ୦ | (୨୫୦) |
| ୨୫୧ । ବସୁନ୍ଧରା | ପୁନରାବୃତ୍ତି | + | − | ୦ | (୨୫୧) |
| | ବିଗ୍ରହ | + | − | ୦ | (୨୫୨) |

*** କିଛି ସମୟ ଅଟକିଯାଇ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶକୁ ରୋଗୀକୁ ପଢ଼ି ଶୁଣାନ୍ତୁ ।

ବର୍ତ୍ତମାନ ଆପଣ କେତେଗୁଡ଼ିଏ ଓଡ଼ିଆ ବାକ୍ୟ ଶୁଣିବେ । ସେଗୁଡ଼ିକୁ ମୋ ପରେ ପରେ କହିବେ ।

| | | | | |
|---|---|---|---|---|
| ୨୫୩ । ପୁଅଟି ଝିଅଟିକୁ ଠେଲିଦେଉଛି । | + | − | ୦ | (୨୫୩) |
| ୨୫୪ । ତାକୁ ସେମାନେ ଗୋଡ଼ାଉଛନ୍ତି । | + | − | ୦ | (୨୫୪) |
| ୨୫୫ । ଏଇଟି ସେଇ ବିଲେଇ ଯିଏ କୁକୁରକୁ କାମୁଡ଼ି ଦେଇଛି । | + | − | ୦ | (୨୫୫) |
| ୨୫୬ । ଏଇଟି ସେଇ ଝିଅ ଯାହାକୁ ସେମାନେ ଧରିଛନ୍ତି । | + | − | ୦ | (୨୫୬) |
| ୨୫୭ । ଗାଡ଼ିକୁ ଟ୍ରକ୍‌ଟା ଟାଣୁନାହିଁ । | + | − | ୦ | (୨୫୭) |
| ୨୫୮ । ସେ ତାକୁ ପିଟୁଛି । | + | − | ୦ | (୨୫୮) |
| ୨୫୯ । ପୁଲିସ୍ ଚୋରକୁ ଧରିନାହିଁ । | + | − | ୦ | (୨୫୯) |

## କ୍ରମ

*** ଏହି ବିଭାଗରେ ରୋଗୀକୁ କ୍ରମ ଅନୁସାରେ କେତୋଟି କଥା ଆବୃତ୍ତି କରିବାକୁ କୁହାଯିବ । ଯଦି ରୋଗୀ ନିର୍ଭୁଲ ଭାବରେ ଏହା କରିବାକୁ ସମର୍ଥ ହୁଏ ତେବେ "+" କୁ ପରିଧିଭୁକ୍ତ କରନ୍ତୁ । ଯଦି ରୋଗୀ କୌଣସି ଭୁଲ୍ କରେ, କିମ୍ବା କିଛି ଛାଡ଼ିଯାଏ, କିମ୍ବା କ୍ରମ ପରିବର୍ତ୍ତନ କରେ ତେବେ "−"କୁ ପରିଧିଭୁକ୍ତ କରନ୍ତୁ । ଯଦି ସେ ନିରୁତ୍ତର ରହେ ତେବେ ତାକୁ "0" ଦିଅନ୍ତୁ ।

*** ଏହିଠାରୁ ବଡ଼ପାଟିରେ ପଢ଼ିବା ଆରମ୍ଭ କରନ୍ତୁ ।

| | | | | |
|---|---|---|---|---|
| ୨୬୦ । ସପ୍ତାହର ସବୁ ବାରଗୁଡ଼ିକର ନାମ କୁହନ୍ତୁ । | + | − | ୦ | (୨୬୦) |
| ୨୬୧ । ଏକରୁ ପଚିଶ ପର୍ଯ୍ୟନ୍ତ ଗଣନ୍ତୁ | + | − | ୦ | (୨୬୧) |
| ୨୬୨ । ବର୍ଷର ସବୁ ମାସ ଗୁଡ଼ିକର ନାମ କୁହନ୍ତୁ | + | − | ୦ | (୨୬୨) |

## କଥନର ସାବଲୀଳତା :

*** ଏହି ବିଭାଗରେ ରୋଗୀ ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷରରେ ଆରମ୍ଭ ହୋଇଥିବା କେତୋଟି ଶବ୍ଦ କହି ପାରୁଛି, ତାହା ପରୀକ୍ଷା କରାଯିବ । ମାତ୍ର ଗୋଟିଏ ମିନିଟ ମଧ୍ୟରେ ସେ କେତୋଟି ଶବ୍ଦ କହି ପାରୁଛି, ତାହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

*** ଏହିଠାରୁ ବଡ଼ ପାଟିରେ ପଢ଼ିବା ଆରମ୍ଭ କରନ୍ତୁ ।

ବର୍ତ୍ତମାନ ମୁଁ ଆପଣଙ୍କୁ ଯେଉଁ ଯେଉଁ ଅକ୍ଷର ଦେବି, ତହିଁରେ ଆରମ୍ଭ ହୋଇଥିବା ଯେତୋଟି ଶବ୍ଦ ଭାବିପାରିବେ, କହିବେ । ଉଦାହରଣ ସ୍ୱରୂପ, ଯଦି ମୁଁ ଆପଣଙ୍କୁ 'ସ'ରେ ଆରମ୍ଭ ହୋଇଥିବା ଶବ୍ଦ କେତୋଟି କହିବାକୁ କୁହେ, ତେବେ ଆପଣ ସର, ସରସ, ଶୀତ, ସୁନା, ସାନ ଇତ୍ୟାଦି କହିବେ ।

ବର୍ତ୍ତମାନ ଆପଣ 'ନ'ରେ ଆରମ୍ଭ ହୋଇଥିବା ଯେତୋଟି ଶବ୍ଦ ଭାବି ପାରୁଛନ୍ତି, ଶୀଘ୍ର ଶୀଘ୍ର କହିବାକୁ ଚେଷ୍ଟା କରନ୍ତୁ ।

| | | | | |
|---|---|---|---|---|
| ୨୬୩ । | ସବୁ ଶବ୍ଦ ଗୁଡ଼ିକ 'ନ'ରେ ଆରମ୍ଭ ହୋଇଛିତ ? | + | − | (୨୬୩) |
| | ଗ୍ରହଣଯୋଗ୍ୟ ଶବ୍ଦ. | ________ | | (୨୬୪) |

ବର୍ତ୍ତମାନ 'ବ'ରେ ଆରମ୍ଭ ହୋଇଥିବା ଶବ୍ଦ କେତୋଟି କୁହନ୍ତୁ ।

| | | | | |
|---|---|---|---|---|
| ୧୬୫ । | ସବୁ ଶବ୍ଦ ଗୁଡ଼ିକ 'ବ'ରେ ଆରମ୍ଭ ହୋଇଛିତ ? | + | − | (୧୬୫) |
| | ଗ୍ରହଣ ଯୋଗ୍ୟ ଶବ୍ଦ | ________ | | (୧୬୬) |

ବର୍ତ୍ତମାନ 'ମ'ରେ ଆରମ୍ଭ ହୋଇଥିବା ଶବ୍ଦ କେତୋଟି କୁହନ୍ତୁ ।

| | | | | |
|---|---|---|---|---|
| ୧୬୭ । | ସବୁ ଶବ୍ଦ ଗୁଡ଼ିକ 'ମ'ରେ ଆରମ୍ଭ ହୋଇଛିତ ? | + | − | (୧୬୭) |
| | ଗ୍ରହଣ ଯୋଗ୍ୟ ଶବ୍ଦ | ________ | | (୧୬୮) |

## ନାମକରଣ :

*** ଏହି ବିଭାଗରେ ରୋଗୀକୁ ଯେଉଁ ଯେଉଁ ପଦାର୍ଥ ଦେଖାଯିବ, ତାକୁ ଯେପରି ସେ ସଠିକ୍ ଭାବରେ ଚିହ୍ନିତ କରେ । ରୋଗୀର ଆଖି ସାମ୍ନାରେ ପ୍ରତ୍ୟେକ ଜିନିଷକୁ ଭଲଭାବରେ ତୋଳି ଧରନ୍ତୁ । ଜିନିଷ ଗୁଡ଼ିକ ପ୍ରଦର୍ଶିତ ହେବା ପୂର୍ବରୁ ସେଗୁଡ଼ିକ ରୋଗୀର ଦୃଷ୍ଟିର ଅନ୍ତରାଳରେ ରହିଥିବା ଆବଶ୍ୟକ ।

*** ବଡ଼ପାଟିରେ ପଢ଼ିବା ଆରମ୍ଭ କରନ୍ତୁ ।

ମୁଁ କେତୋଟି ଜିନିଷ ଆପଣଙ୍କୁ ଦେଖାଇବି । ସେଗୁଡ଼ିକୁ କ'ଣ କୁହାଯାଏ କହିବେ ।

| | | | | | |
|---|---|---|---|---|---|
| ୧୬୯ । | ବହି | + | − | ○ | (୧୬୯) |
| ୧୭୦ । | ଚଷମା | + | − | ○ | (୧୭୦) |
| ୧୭୧ । | ଛୁରି | + | − | ○ | (୧୭୧) |
| ୧୭୨ । | କପ୍ | + | − | ○ | (୧୭୨) |
| ୧୭୩ । | ରୁମାଲ୍ | + | − | ○ | (୧୭୩) |
| ୧୭୪ । | କଇଁଚି | + | − | ○ | (୧୭୪) |
| ୧୭୫ । | ଚାମଚ | + | − | ○ | (୧୭୫) |
| ୧୭୬ । | ମୋଜା | + | − | ○ | (୧୭୬) |
| ୧୭୭ । | ପେନ୍ସିଲ୍ | + | − | ○ | (୧୭୭) |
| ୧୭୮ । | ଧୂପକାଠି | + | − | ○ | (୧୭୮) |
| ୧୭୯ । | ଛୁଞ୍ଚି | + | − | ○ | (୧୭୯) |
| ୧୮୦ । | ବୋତାମ | + | − | ○ | (୧୮୦) |
| ୧୮୧ । | ସିଗାରେଟ୍ | + | − | ○ | (୧୮୧) |
| ୧୮୨ । | ଚୁଡ଼ି | + | − | ○ | (୧୮୨) |
| ୧୮୩ । | ପର | + | − | ○ | (୧୮୩) |
| ୧୮୪ । | ମଦି | + | − | ○ | (୧୮୪) |
| ୧୮୫ । | ମହମବତୀ | + | − | ○ | (୧୮୫) |
| ୧୮୬ । | ଲଫାପା | + | − | ○ | (୧୮୬) |
| ୧୮୭ । | ଦାନ୍ତକାଠି | + | − | ○ | (୧୮୭) |
| ୧୮୮ । | ଘଡ଼ି | + | − | ○ | (୧୮୮) |

## ବାକ୍ୟଗଠନ :

*** ଏହି ବିଭଗରେ ଦିଆଯାଇଥିବା କେତୋଟି ଶବ୍ଦକୁ ନେଇ ରୋଗୀକୁ ଗୋଟିଏ ଲେଖାଏଁ ବାକ୍ୟ ଗଠନ କରିବାକୁ ହେବ । ପ୍ରତ୍ୟେକଟି ବାକ୍ୟ ପାଇଁ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ । (୧) ରୋଗୀ କୌଣସି ଉତ୍ତର ଦେଉଛି କି ନାହିଁ ; (୨) ଏହା ଗୋଟିଏ ନିର୍ଭୁଲ ଓଡ଼ିଆ ବାକ୍ୟ କି ନୁହେଁ ; (୩) ଏହି ବାକ୍ୟର କୌଣସି ଅର୍ଥ ଅଛି କି ନାହିଁ ; (୪) ରୋଗୀ ଯେଉଁ ବାକ୍ୟ ଗଠନ କରିଛି, ସେଥିରେ ସେ ସମସ୍ତ ଶବ୍ଦ ପ୍ରୟୋଗ କରିଛି କି ନାହିଁ ; (୫) ପରିଶେଷରେ ସେ ତାର ବାକ୍ୟରେ ସମୁଦାୟ କେତୋଟି ଶବ୍ଦ ବ୍ୟବହାର କରିଛି ।

*** ବଡ଼ ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ମୁଁ ଆପଣଙ୍କୁ କେତୋଟି ଶବ୍ଦ ଦେବି । ସେଗୁଡ଼ିକୁ ନେଇ ଆପଣଙ୍କୁ ଗୋଟିଏ ଛୋଟ ବାକ୍ୟ ଗଠନ କରିବାକୁ ହେବ । ଉଦାହରଣ ସ୍ୱରୂପ 'କବାଟ', ଖୋଲିବା, 'ମା', ଯଦି ଏଭଳି ତିନୋଟି ଶବ୍ଦ ଆପଣଙ୍କୁ ଦିଆଯାଏ, ତେବେ ଆପଣ 'ମା କବାଟ ଖୋଲୁଛନ୍ତି' ଏହିପରି ବାକ୍ୟଟିଏ ତିଆରି କରି ପାରିବେ । ଏଥର କୁହନ୍ତୁ ।

| | | | | |
|---|---|---|---|---|
| ୨୮୯ । ଶେଯ/ଶୋଇବା/ଶିଶୁ | ଉତ୍ତର ମିଳିଛି ? | + | ୦ | (୨୮୯) |
| | ନିର୍ଭୁଲ ବାକ୍ୟ କି ? | + | – | (୨୯୦) |
| | ଅର୍ଥ ଅଛିତ ? | + | – | (୨୯୧) |
| | ଦିଆଯାଇଥିବା ଶବ୍ଦର କେତୋଟି ପ୍ରୟୋଗ କରିଛି ? | ______ | | (୨୯୨) |
| | ସମୁଦାୟ ଶବ୍ଦ | ______ | | (୨୯୩) |
| ୨୯୩ । କେଉଟ/ମାଛ/ନଈ/ଧରିବା । | ଉତ୍ତର ମିଳିଛି ? | + | ୦ | (୨୯୪) |
| | ନିର୍ଭୁଲ ବାକ୍ୟ କି ? | + | – | (୨୯୫) |
| | ଅର୍ଥ ଅଛିତ ? | + | – | (୨୯୬) |
| | ଦିଆଯାଇଥିବା ଶବ୍ଦରୁ କେତୋଟି ବ୍ୟବହାର କରିଛି ? | ______ | | (୨୯୭) |
| | ସମୁଦାୟ ଶବ୍ଦ | ______ | | (୨୯୮) |
| ୨୯୯ । ନୀଳ/ଜାମା/ପିନ୍ଧିବା ଝିଅ । | ଉତ୍ତର ମିଳିଛି ? | + | ୦ | (୨୯୯) |
| | ନିର୍ଭୁଲ ବାକ୍ୟ କି ? | + | – | (୩୦୦) |
| | ଅର୍ଥ ଅଛି ତ ? | + | – | (୩୦୧) |
| | ଦିଆଯାଇଥିବା ଶବ୍ଦରୁ କେତୋଟି ବ୍ୟବହାର କରିଛ | ______ | | (୩୦୨) |
| | ସମୁଦାୟ ଶବ୍ଦ | ______ | | (୩୦୩) |
| ୩୦୪ । ଘର/ଆମ୍ବଗଛ | ଉତ୍ତର ମିଳିଛି ? | + | ୦ | (୩୦୪) |
| | ନିର୍ଭୁଲ ବାକ୍ୟ କି ? | + | – | (୩୦୫) |
| | ଅର୍ଥ ଅଛିତ ? | + | – | (୩୦୬) |
| | ଦିଆଯାଇଥିବା ଶବ୍ଦରୁ କେତୋଟି ବ୍ୟବହାର କରିଛି ? | ______ | | (୩୦୭) |
| | ସମୁଦାୟ ଶବ୍ଦ | ______ | | (୩୦୮) |
| ୩୦୯ । ମୁଦି/ସୁନା/ଆଙ୍ଗୁଠି | ଉତ୍ତର ମିଳିଛି ? | + | ୦ | (୩୦୯) |
| | ନିର୍ଭୁଲ ବାକ୍ୟ କି ? | + | – | (୩୧୦) |
| | ଅର୍ଥ ଅଛିତ ? | + | – | (୩୧୧) |
| | ଦିଆଯାଇଥିବା ଶବ୍ଦରୁ କେତୋଟି ବ୍ୟବହାର କରିଛି ? | ______ | | (୩୧୨) |
| | ସମୁଦାୟ ଶବ୍ଦ | ______ | | (୩୧୩) |

*** ନିମ୍ନରେ ପ୍ରଦତ୍ତ ତିନୋଟି ବିଭାଗରେ ରୋଗୀକୁ କେତୋଟି ପ୍ରଶ୍ନର ମୌଖିକ ଉତ୍ତର ଦେବାକୁ ହେବ । ପ୍ରଶ୍ନର ଦକ୍ଷିଣ ପାର୍ଶ୍ୱରେ ନିର୍ଭୁଲ ଉତ୍ତରଗୁଡ଼ିକ ଦିଆଯାଇଛି । ଯଦି ରୋଗୀର ଉତ୍ତର ଏହା ସହିତ ମିଶୁଥାଏ, ତେବେ "+"କୁ ପରିଧିଭୁକ୍ତ କରି ପରବର୍ତ୍ତୀ ପ୍ରଶ୍ନକୁ ଯାଆନ୍ତୁ । ଯଦି ରୋଗୀ କୌଣସି ଭିନ୍ନ ଉତ୍ତର ଦିଏ, ତେବେ ଦିଆଯାଇଥିବା ଶୂନ୍ୟସ୍ଥାନରେ ତାହାକୁ ଲେଖନ୍ତୁ ଏବଂ ଯଦି ତାହା ନିର୍ଭୁଲ ଥାଏ, ତେବେ "+"କୁ ପରିଧିଭୁକ୍ତ କରନ୍ତୁ । ଯଦି ଭୁଲ୍‌ଥାଏ, ତେବେ "–"କୁ ପରିଧିଭୁକ୍ତ କରନ୍ତୁ ଏବଂ ରୋଗୀ ୫ ସେକେଣ୍ଡ ମଧ୍ୟରେ କୌଣସି ଉତ୍ତର ନଦେଲେ ସେଥିରେ ଶୂନ୍ ଦିଅନ୍ତୁ ।

*** ଏହି ବିଭାଗରେ ରୋଗୀକୁ ଗୋଟିଏ ଶବ୍ଦ ଦିଆଯାଇ ତାର ବିପରୀତ ଅର୍ଥବୋଧକ ଶବ୍ଦ କହିବାକୁ କୁହାଯିବ । ଯଦି ରୋଗୀ ଉତ୍ତରରେ ଦେଇଥିବା ଶବ୍ଦର ମୂଳ ଶବ୍ଦ ସହିତ କୌଣସି ବ୍ୟୁତ୍ପତ୍ତିମୂଳକ ସମ୍ବନ୍ଧ ନଥିବ, ତେବେ ଏହାକୁ ନିର୍ଭୁଲ ବୋଲି ଗ୍ରହଣ କରାଯିବ । ଉଦାହର ସ୍ୱରୂପ "ଧନୀ"ର ବିପରୀତ ଯଦି "ନିର୍ଦ୍ଧନ" ବୋଲି ଉତ୍ତର ମିଳେ, ତେବେ ଏହି ଉତ୍ତରଟିକୁ ଭୁଲ୍ ବୋଲି ଧରାଯାଇ "–"କୁ ପରିଧିଭୁକ୍ତ କରାଯିବ, କାରଣ ଯଦିଓ ଏହା "ଧନୀ"ର ବିପରୀତ ଅର୍ଥ ବୁଝାଉଛି, ତଥାପି ମୂଳ ଶବ୍ଦ ସହିତ ଏହାର ବ୍ୟୁତ୍ପତ୍ତିମୂଳକ ସମ୍ବନ୍ଧ ରହିଛି । ଏହି ଦୃଷ୍ଟିରୁ ଏହା ଏକ ଭିନ୍ନ ଶବ୍ଦ ନୁହେଁ ।

## ବିପରୀତାର୍ଥ ବୋଧକ ଶବ୍ଦ :

*** ବଡ଼ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ମୁଁ ବର୍ତ୍ତମାନ ଆପଣଙ୍କୁ ଯେଉଁ ଯେଉଁ ଶବ୍ଦ ଦେବି, ତାର ବିପରୀତ ଅର୍ଥ ବୁଝାଉଥିବା ଅନ୍ୟ ଗୋଟିଏ ଶବ୍ଦ କହିବେ । ଉଦାହରଣ ସ୍ୱରୂପ ମୁଁ "ସାନ" କହିଲେ ଆପଣ କହିବେ "ବଡ", କାରଣ "ସାନ"ର ବିପରୀତ ହେଉଛି "ବଡ" । ଏଥର କୁହନ୍ତୁ ।

| | | | | | | | | |
|---|---|---|---|---|---|---|---|---|
| ୩୧୪ । ସତ | + | ମିଛ | କିମ୍ବା ——— | ୧ | – | ୦ | (୩୧୪) |
| ୩୧୫ । ଧନୀ | + | ଗରୀବ | କିମ୍ବା ——— | ୧ | – | ୦ | (୩୧୫) |
| ୩୧୬ । ଗରମ | + | ଥଣ୍ଡା | କିମ୍ବା ——— | ୧ | – | ୦ | (୩୧୬) |
| ୩୧୭ । ଡେଙ୍ଗା | + | ଗେଡ଼ା | କିମ୍ବା ——— | ୧ | – | ୦ | (୩୧୭) |
| ୩୧୮ । ମୋଟା | + | ପତଳା | କିମ୍ବା ——— | ୧ | – | ୦ | (୩୧୮) |
| ୩୧୯ । ନରମ | + | ଟାଣ | କିମ୍ବା ——— | ୧ | – | ୦ | (୩୧୯) |
| ୩୨୦ । କଷ୍ଟ | + | ସହଜ | କିମ୍ବା ——— | ୧ | – | ୦ | (୩୨୦) |
| ୩୨୧ । ଭଲ | + | ମନ୍ଦ | କିମ୍ବା ——— | ୧ | – | ୦ | (୩୨୧) |
| ୩୨୨ । ସୁଖ | + | ଦୁଃଖ | କିମ୍ବା ——— | ୧ | – | ୦ | (୩୨୨) |
| ୩୨୩ । ଗୋରା | + | କଳା | କିମ୍ବା ——— | ୧ | – | ୦ | (୩୨୩) |

## ବ୍ୟୁତ୍ପତ୍ତିମୂଳକ ଶବ୍ଦତତ୍ତ୍ୱ :

*** ଏହି ବିଭାଗରେ ରୋଗୀ ଯଦି ଉତ୍ତର ସ୍ୱରୂପ ଡ଼ାହାଣ ପାଖରେ ଦିଆଯାଇଥିବା ଶବ୍ଦକୁ କୁହେ, ତେବେ ତାହାକୁ ପରିଧିଭୁକ୍ତ କରନ୍ତୁ । ଯଦି ସେ ଅନ୍ୟ କୌଣସି ଶବ୍ଦ କୁହେ, ତେବେ ଦିଆଯାଇଥିବା ଶୂନ୍ୟସ୍ଥାନରେ ତାକୁ ଲେଖନ୍ତୁ ଏବଂ ତାର ମୂଲ୍ୟାୟନ କରନ୍ତୁ । ରୋଗୀ ତାର ଉତ୍ତରରେ ଦେଇଥିବା ଶବ୍ଦ ଯଦି ମୂଳ ଶବ୍ଦ ସହିତ ସମ୍ପୃକ୍ତ, ତେବେ ତାହା ନିର୍ଭୁଲ ବୋଲି ବିଚାର କରାଯିବ ।

*** ବଡ଼ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ଏହିଯେଉଁ ଶବ୍ଦ କେତୋଟି ଆପଣଙ୍କୁ ଦେବି, ସେଥିରୁ ଅନ୍ୟ କି କି ଶବ୍ଦ ହୋଇପାରିବ କହିବେ । ଉଦାହରଣ ସ୍ୱରୂପ, ମେଘରୁ ଯେପରି "ମେଘୁଆ" ଶବ୍ଦ ହୋଇପାରିବ, ସେହିପରି କୁହନ୍ତୁ–

| | | | | | | | |
|---|---|---|---|---|---|---|---|
| ୩୨୪ । ଲୁଣ | + | ଲୁଣିଆ | କିମ୍ବା ——— | ୧ | – | ୦ | (୩୨୪) |

| | | | | | | | | | |
|---|---|---|---|---|---|---|---|---|---|
| ୩୨୪ । ଲୁଣ | + | ଲୁଣିଆ | କିମ୍ବା | ___________ | ୧ | – | ୦ | (୩୨୪) |
| ୩୨୫ । ରୋଗ | + | ରୋଗୀ | କିମ୍ବା | ___________ | ୧ | – | ୦ | (୩୨୫) |
| ୩୨୬ । ମିଛ | + | ମିଛୁଆ | କିମ୍ବା | ___________ | ୧ | – | ୦ | (୩୨୬) |
| ୩୨୭ । ଲୋଭ | + | ଲୋଭୀ | କିମ୍ବା | ___________ | ୧ | – | ୦ | (୩୨୭) |
| ୩୨୮ । ଦୟା | + | ଦୟାଳୁ | କିମ୍ବା | ___________ | ୧ | – | ୦ | (୩୨୮) |
| ୩୨୯ । ବଳ | + | ବଳୁଆ | କିମ୍ବା | ___________ | ୧ | – | ୦ | (୩୨୯) |
| ୩୩୦ । ଦୁଃଖ | + | ଦୁଃଖୀ | କିମ୍ବା | ___________ | ୧ | – | ୦ | (୩୩୦) |
| ୩୩୧ । ଧନ | + | ଧନୀ | କିମ୍ବା | ___________ | ୧ | – | ୦ | (୩୩୧) |
| ୩୩୨ । ପାଠ | + | ପାଠୁଆ | କିମ୍ବା | ___________ | ୧ | – | ୦ | (୩୩୨) |
| ୩୩୩ । ଗର୍ବ | + | ଗର୍ବୀ | କିମ୍ବା | ___________ | ୧ | – | ୦ | (୩୩୩) |

## ବିପରୀତ ଶବ୍ଦ

* * * ଏହି ବିଭାଗରେ ପ୍ରତ୍ୟେକ ପ୍ରଶ୍ନର ଡାହାଣରେ ଦିଆଯାଇଥିବା ଉତ୍ତର ସହିତ ରୋଗୀର ଉତ୍ତର ଯଦି ମିଶିଯାଏ ତେବେ " + " କୁ ପରିଧିଭୁକ୍ତ କରନ୍ତୁ : ମୂଳ ଶବ୍ଦ ସହିତ ଉତ୍ତରର ସମ୍ବନ୍ଧ ଥିବା ଆବଶ୍ୟକ । ତେଣୁ ଯଦି ମୂଳ ଶବ୍ଦ "ଜ୍ଞାନୀ" ହୋଇଥାଏ ତେବେ ତା'ର ବିପରୀତ ଶବ୍ଦ "ଅଜ୍ଞାନୀ" ହେବ କିନ୍ତୁ 'ମୂର୍ଖ' ନୁହେଁ ।

* * * ବଡ଼ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ଆପଣ ବର୍ତ୍ତମାନ ଯେଉଁ ଯେଉଁ ଶବ୍ଦ ଶୁଣିବେ, ତାର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦକୁ କହିବେ । ଉଦାହରଣ ସ୍ୱରୂପ ମୁଁ "ସୁନ୍ଦର" କହିଲେ ଆପଣ କହିବେ "ଅସୁନ୍ଦର"

ସେହିପରି କୁହନ୍ତୁ–

| | | | | | |
|---|---|---|---|---|---|
| ୩୩୪ । ଭଦ୍ର | ଅଭଦ୍ର | + | – | ୦ | (୩୩୪) |
| ୩୩୫ । ପସନ୍ଦ | ଅପସନ୍ଦ | + | – | ୦ | (୩୩୫) |
| ୩୩୬ । ବିଶ୍ୱାସ | ଅବିଶ୍ୱାସ | + | – | ୦ | (୩୩୬) |
| ୩୩୭ । ଆମିଷ | ନିରାମିଷ | + | – | ୦ | (୩୩୭) |
| ୩୩୮ । ଲୁଣିଆ | ଅଲଣା | + | – | ୦ | (୩୩୮) |
| ୩୩୯ । ବଳୁଆ | ଦୁର୍ବଳ | + | – | ୦ | (୩୩୯) |
| ୩୪୦ । ଶାନ୍ତି | ଅଶାନ୍ତି | + | – | ୦ | (୩୪୦) |
| ୩୪୧ । ଆଦର | ଅନାଦର | + | – | ୦ | (୩୪୧) |
| ୩୪୨ । ଦୋଷୀ | ନିର୍ଦ୍ଦୋଷ | + | – | ୦ | (୩୪୨) |
| ୩୪୩ । ମାନ | ଅପମାନ | + | – | ୦ | (୩୪୩) |

## ବର୍ଣ୍ଣନା

* * * ଏହି ବିଭାଗରେ ରୋଗୀକୁ ଗୋଟିଏ କାର୍ଟୁନ ଚିତ୍ର ଦେଖାଇ ଗୋଟିଏ ଗଳ୍ପ କହିବାକୁ ନିର୍ଦ୍ଦେଶ ଦିଆଯିବ । ଗପଟି କହିବାପାଇଁ ରୋଗୀକୁ ଦୁଇମିନିଟ୍ ସମୟ ଦିଆଯିବ । କହିବା ଶେଷହେବାପରେ ପରୀକ୍ଷକ ଦିଆଯାଇଥିବା ଉତ୍ତରଗୁଡ଼ିକ ମଧ୍ୟରୁ ଯେଉଁଟି ପ୍ରଯୁଜ୍ୟ ତାକୁ ପରିଧିଭୁକ୍ତ କରିବେ ।

* * * ବଡ଼ପାଟିରେ ପଢ଼ନ୍ତୁ

ମୁଁ ବର୍ତ୍ତମାନ ଆପଣଙ୍କୁ ୬ଟି ଚିତ୍ର ଦେଖାଇବି । ଏହି ଚିତ୍ରଗୁଡ଼ିକୁ ଦେଖି ଆପଣଙ୍କୁ ଗୋଟିଏ ଗପ ତିଆରି କରିବାକୁ ହେବ ।

୩୪୪ । କଥାର ପରିମାଣ ୦) ଶୂନ ୧) ଖୁବ୍ ଅଳ୍ପ ୨) ସାଧାରଣଠାରୁ ଅଳ୍ପ ୩) ସାଧାରଣ (୩୪୪)

୩୪୫ । ରୋଗୀ ଶେଷପର୍ଯ୍ୟନ୍ତ ଯାଇଛି କି ନାହିଁ ? + – (୩୪୫)

୩୪୬ । ରୋଗୀ ୧) କେବଳ ଚିତ୍ରଗୁଡ଼ିକୁ ବର୍ଣ୍ଣନା କଲା ୨) ଚିତ୍ରଗୁଡ଼ିକୁ ପରସ୍ପର ସହିତ ସମ୍ବନ୍ଧ ଯୋଡ଼ି ଗପଟିଏ କହିଲା ୩) ୧ କିମ୍ବା ୨ କିଛି ହିଁ କଲା ନାହିଁ । (୩୪୬)

## ମାନସାଙ୍କ

*** ଏହି ବିଭାଗରେ ରୋଗୀକୁ କେତୋଟି ମାନସାଙ୍କ କରିବାକୁ ଦିଆଯିବ । ପ୍ରଶ୍ନଗୁଡ଼ିକ ଯେଭଳିଭାବରେ ଦିଆଯାଇଛି, ଠିକ୍ ସେହିଭଳିଭାବରେ ପଢ଼ିବାକୁ ହେବ । ପ୍ରଶ୍ନର ଡାହାଣ ପାଖରେ ସଠିକ୍ ଉତ୍ତର ଦିଆଯାଇଛି । ରୋଗୀର ଉତ୍ତର ନିର୍ଭୁଲ ହୋଇଥିଲେ "+" କୁ ପରିଧିଭୁକ୍ତ କରନ୍ତୁ, ଯଦି ଉତ୍ତର ଭୁଲ୍ ହୋଇଥାଏ ତେବେ "–" କୁ ପରିଧିଭୁକ୍ତ କରନ୍ତୁ । ଯଦି ୧୦ ସେକେଣ୍ଡ ମଧ୍ୟରେ ରୋଗୀଠାରୁ କୌଣସି ଉତ୍ତର ନ ମିଳେ ତେବେ ସେହି ପ୍ରଶ୍ନରେ "୦" ଦିଅନ୍ତୁ । ଯଦି ଲଗ୍ ଲଗ୍ ୫ଟି ଭୁଲ୍ ହୁଏ କିମ୍ବା ରୋଗୀ ନିରୁତ୍ତର ରହେ, ତେବେ ପରବର୍ତ୍ତୀ ପ୍ରଶ୍ନଗୁଡ଼ିକରେ '୦' ଦେଇ ଅନ୍ୟବିଭାଗକୁ ଯାଆନ୍ତୁ ।

*** ବଡ଼ପାଟିରେ ପଢ଼ନ୍ତୁ ।

ମୁଁ ବର୍ତ୍ତମାନ ଆପଣଙ୍କୁ କେତୋଟି ମାନସାଙ୍କ ପଚାରିବି । ଶୀଘ୍ର ଶୀଘ୍ର ଉତ୍ତର ଦେବାପାଇଁ ଚେଷ୍ଟା କରନ୍ତୁ ।

| | | | | | |
|---|---|---|---|---|---|
| ୩୪୭ । ପାଞ୍ଚରେ ଚାରି ମିଶାଇଲେ କେତେ ? | ନଅ | + | – | ୦ | (୩୪୭) |
| ୩୪୮ । ସାତରୁ ଦୁଇ ଫେଡ଼ିଲେ ? | ପାଞ୍ଚ | + | – | ୦ | (୩୪୮) |
| ୩୪୯ । ଦୁଇରେ ତିନି ଗୁଣିଲେ ? | ଛ | + | – | ୦ | (୩୪୯) |
| ୩୫୦ । ନଅରେ ତିନି ହରିଲେ ? | ତିନି | + | – | ୦ | (୩୫୦) |
| ୩୫୧ । ଛ' ରେ ସାତ ମିଶାଇଲେ ? | ତେର | + | – | ୦ | (୩୫୧) |
| ୩୫୨ । ଏକୋଇଶରୁ ନଅ ଫେଡ଼ିଲେ ? | ବାର | + | – | ୦ | (୩୫୨) |
| ୩୫୩ । ଚାରିରେ ଛ ଗୁଣିଲେ ? | ଚବିଶ | + | – | ୦ | (୩୫୩) |
| ୩୫୪ । ବାରରେ ଚାରି ହରିଲେ ? | ତିନି | + | – | ୦ | (୩୫୪) |
| ୩୫୫ । ଚଉଦରେ ବାଇଶ ମିଶାଇଲେ ? | ଛତିଶ | + | – | ୦ | (୩୫୫) |
| ୩୫୬ । ଛୟାଳିଶରୁ ଏକୋଇଶ ଫେଡ଼ିଲେ ? | ପଚିଶ | + | – | ୦ | (୩୫୬) |
| ୩୫୭ । ତିନିରେ ବାର ଗୁଣିଲେ ? | ଛତିଶ | + | – | ୦ | (୩୫୭) |
| ୩୫୮ । ଷାଠିଏରେ ଚାରି ହରିଲେ ? | ପନ୍ଦର | + | – | ୦ | (୩୫୮) |
| ୩୫୯ । ସତରରେ ଅଠର ମିଶାଇଲେ ? | ପଞ୍ଚତିରିଶ | + | – | ୦ | (୩୫୯) |
| ୩୬୦ । ବତିଶରୁ ପନ୍ଦର ଫେଡ଼ିଲେ ? | ସତର | + | – | ୦ | (୩୬୦) |
| ୩୬୧ । ତିନିରେ ଚଉଦ ଗୁଣିଲେ ? | ବୟାଳିଶ | + | – | ୦ | (୩୬୧) |

## ଶ୍ରୁତବୋଧ

*** ନିମ୍ନରେ ପ୍ରଦତ୍ତ ନିର୍ଦ୍ଦେଶ ଏବଂ ଗଳ୍ପ ରୋଗୀକୁ ପଢ଼ି ଶୁଣାନ୍ତୁ । ଏହାପରେ ଯେଉଁ ପାଞ୍ଚଟି ପ୍ରଶ୍ନ ଦିଆଯାଇଛି ସେଗୁଡ଼ିକୁ ରୋଗୀକୁ ପଚାରନ୍ତୁ ଏବଂ ଉତ୍ତର ସ୍ଥାନରେ (+) ଅର୍ଥାତ୍ ନିର୍ଭୁଲ (–) ଅର୍ଥାତ୍ ଭୁଲ୍ କିମ୍ବା ରୋଗୀ ନିରୁତ୍ତର ରହିଲେ ଅଥବା ଉତ୍ତର ଜାଣିନାହିଁ ବୋଲି କହିଲେ ତହିଁରେ "୦" ଦେଇ ଉତ୍ତରଗୁଡ଼ିକର ମୂଲ୍ୟାୟନ କରନ୍ତୁ ।

*** ବଡ଼ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ଆପଣ ବର୍ତ୍ତମାନ ଗୋଟିଏ ଛୋଟ ଗପ ଶୁଣିବେ । ଗପଟିକୁ ମନଧ୍ୟାନ ଦେଇ ଶୁଣନ୍ତୁ ଏବଂ ଏହାପରେ ମୁଁ ଯେଉଁ କେତୋଟି ପ୍ରଶ୍ନ ପଚାରିବି ତାର ଉତ୍ତର ଦିଅନ୍ତୁ ।

ଦିନେ ସକାଳେ ମିନି ଓ ତାର ମା ମନ୍ଦିର ଗଲେ । ଭୋଗ କରିବାପାଇଁ ମିନିର ମା କଦଳୀଟିଏ କିଣିଲେ । କିନ୍ତୁ ମନ୍ଦିର ଭିତରକୁ ଯିବା ପୂର୍ବରୁ ମାଙ୍କଡ଼ଟିଏ କେଉଁଠୁ ଆସି କଦଳୀଟି ହାତରୁ ଛଡ଼ାଇନେଲା ।

| | | | | |
|---|---|---|---|---|
| ୩୬୨ । ମିନି ଓ ତାର ମା କୁଆଡେ ଯାଇଥିଲେ ? | + | − | ० | (୩୬୨) |
| ୩୬୩ । ସେମାନେ କେତେବେଳେ ଯାଇଥିଲେ ? | + | − | ० | (୩୬୩) |
| ୩୬୪ । ମିନିର ମା କ'ଣ କିଣିଲେ ? | + | − | ० | (୩୬୪) |
| ୩୬୫ । ମିନିର ମା କାହିଁକି କଦଳି କିଣିଲେ ? | + | − | ० | (୩୬୫) |
| ୩୬୬ । କଦଳିଟି କାହିଁକି ଭୋଗ ଲାଗିପାରିଲା ନାହିଁ ? | + | − | ० | (୩୬୬) |

## ପଠନ

*** ନିମ୍ନସ୍ଥ ବିଭାଗଦୁଇଟିରେ ରୋଗୀକୁ କେତୋଟି ଶବ୍ଦ ଓ ବାକ୍ୟ ବଡ଼ପାଟିରେ ପଢ଼ିବାକୁ ଦିଆଯିବ । ଯଦି ସେ ପ୍ରତ୍ୟେକଟିକୁ ନିର୍ଭୁଲଭାବରେ ପଢ଼େ, ତେବେ "+" କୁ, ପଢ଼ାରେ ତ୍ରୁଟି ରହିଲେ "−" କୁ, ଏବଂ ଯଦି ସେ ନୀରବ ରହେ ତେବେ "०" କୁ ପରିଧିଭୁକ୍ତ କରନ୍ତୁ ।

*** ବଡ଼ପାଟିରେ ପଢ଼ିବା ଆରମ୍ଭ କରନ୍ତୁ

ଆପଣଙ୍କୁ କେତୋଟି ଶବ୍ଦ ପଢ଼ିବାକୁ ଦିଆଯିବ । ସେଗୁଡ଼ିକୁ ବଡ଼ପାଟିରେ ପଢ଼ିବେ ।

| | | | | |
|---|---|---|---|---|
| ୩୬୭ । ବାଳ | + | − | ० | (୩୬୭) |
| ୩୬୮ । ଧାଡ଼ି | + | − | ० | (୩୬୮) |
| ୩୬୯ । କାଳି | + | − | ० | (୩୬୯) |
| ୩୭୦ । ଲୋଟା | + | − | ० | (୩୭୦) |
| ୩୭୧ । ବର | + | − | ० | (୩୭୧) |
| ୩୭୨ । ଛାଇ | + | − | ० | (୩୭୨) |
| ୩୭୩ । ଗୁଆ | + | − | ० | (୩୭୩) |
| ୩୭୪ । ହାତୀ | + | − | ० | (୩୭୪) |
| ୩୭୫ । କାନ | + | − | ० | (୩୭୫) |
| ୩୭୬ । ଛାତ | + | − | ० | (୩୭୬) |

*** କିଛିସମୟ ରହିଯାଇ ନିମ୍ନରେ ପ୍ରଦତ୍ତ ନିର୍ଦ୍ଦେଶକୁ ରୋଗୀକୁ ପଢ଼ି ଶୁଣାନ୍ତୁ ।

ଆପଣଙ୍କୁ ବର୍ତ୍ତମାନ କେତୋଟି ବାକ୍ୟ ପଢ଼ିବାକୁ ଦେବି । ସେ ଗୁଡ଼ିକୁ ବଡ଼ ପାଟିରେ ପଢ଼ିବେ

| | | | | |
|---|---|---|---|---|
| ୩୭୭ । ଝିଅଟି ପୁଅଟିକୁ ଧରିଛି । | + | − | ० | (୩୭୭) |
| ୩୭୮ । ଲୋକଟି ନିଜକୁ ଦେଖୁଛି । | + | − | ० | (୩୭୮) |
| ୩୭୯ । କୁକୁରକୁ ବିଲେଇଟି କାମୁଡ଼ୁଛି । | + | − | ० | (୩୭୯) |
| ୩୮୦ । ମୋତେ ସେଇ ଟ୍ରକ୍‌ଟକୁ ଦେଖାଅ ଯେଉଁଟା ଗାଡ଼ିକୁ ଟାଣୁଛି । | + | − | ० | (୩୮୦) |
| ୩୮୧ । ପୁଅଟି ଝିଅଟିକୁ ଠେଲିଦେଉ ନାହିଁ । | + | − | ० | (୩୮୧) |
| ୩୮୨ । ଟ୍ରକ୍‌କୁ ଗାଡ଼ିଟା ଟାଣୁ ନାହିଁ । | + | − | ० | (୩୮୨) |
| ୩୮୩ । ମୋତେ ସେଇ ବିଲେଇକୁ ଦେଖାଅ ଯେଉଁଟା କୁକୁରକୁ କାମୁଡ଼ୁଛି । | + | − | ० | (୩୮୩) |
| ୩୮୪ । ପୁଅଟି ତାକୁ ଧରିଛି । | + | − | ० | (୩୮୪) |
| ୩୮୫ । ଝିଅକୁ ମା ପିଟୁଛି । | + | − | ० | (୩୮୫) |
| ୩୮୬ । ପୁଅକୁ ମା ନିଦରୁ ଉଠାଉ ନାହିଁ । | + | − | ० | (୩୮୬) |

*** ଏହି ବିଭାଗରେ ରୋଗୀକୁ ଗୋଟିଏ ପରିଚ୍ଛଦ ନୀରବରେ ପାଠ କରିବାପାଇଁ ଦିଆଯିବ ଏବଂ ପରେ ପରେ କେତୋଟି ପ୍ରଶ୍ନର ଉତ୍ତର ଦେବାପାଇଁ କୁହାଯିବ । ପରିଚ୍ଛଦଟି ପାଠ କରିବାପାଇଁ ରୋଗୀକୁ ମାତ୍ର ୯୦ ସେକେଣ୍ଡ ସମୟ ଦିଆଯିବ ।

*** ବଡ଼ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ବର୍ତ୍ତମାନ ଆପଣଙ୍କୁ ଗୋଟିଏ ଛୋଟ ପରିଚ୍ଛଦ ପଢ଼ିବାପାଇଁ ଦେବି । ତାହାକୁ ଆପଣ ନୀରବରେ ପଢ଼ିବେ । ପଢ଼ିସାରିବା ପରେ ଆପଣଙ୍କୁ କେତୋଟି ପ୍ରଶ୍ନ ପଚାରିବି ।

ଥରେ ଜଣେ ଲୋକ ତାର ନାତିକୁ ନେଇ ଶୀକାର କରିବାକୁ ଗଲା । ସେଦିନ ସେ ଗୋଟିଏ ହରିଣ ମାରିଲା । ଘରକୁ ଫେରିବା ବାଟରେ ସେମାନେ ହାଟକୁ ଗଲେ ଏବଂ ହରିଣଟିକୁ ବିକିଦେଇ ତାହା ବଦଳରେ କିଛି ପନିପରିବା ଆଣିଆସିଲେ ।

| | | | | |
|---|---|---|---|---|
| ୩୮୭ । ଲୋକଟି କାହା ସାଙ୍ଗରେ ଯାଇଥିଲା ? | + | – | ० | (୩୮୭) |
| ୩୮୮ । ଲୋକଟି ତାର ନାତିକୁ ନେଇ କୁଆଡ଼େ ଯାଇଥିଲା ? | + | – | ० | (୩୮୮) |
| ୩୮୯ । ସେମାନେ ସେଠାରେ କ'ଣ କଲେ ? | + | – | ० | (୩୮୯) |
| ୩୯୦ । ହରିଣଟିକୁ ନେଇ ସେମାନେ କୁଆଡ଼େ ଗଲେ ? | + | – | ० | (୩୯୦) |
| ୩୯୧ । ହରିଣଟିକୁ କ'ଣ କଲେ ? | + | – | ० | (୩୯୧) |
| ୩୯୨ । ତା ବଦଳରେ ସେମାନେ କ'ଣ ଆଣିଲେ ? | + | – | ० | (୩୯୨) |

* * * * * * * ଟେପ୍ ରେକର୍ଡ଼ଟିକୁ ବନ୍ଦ କରଦିଅନ୍ତୁ * * * * * * *

## ନକଲୀକରଣ

*** ବଡ଼ ପାଟିରେ ପଢ଼ିବାକୁ ଆରମ୍ଭ କରନ୍ତୁ ।

ମୁଁ ବର୍ତ୍ତମାନ ଯେଉଁ କେତୋଟି ଶବ୍ଦ ଆପଣଙ୍କୁ ଦେଖାଇବି, ସେଗୁଡ଼ିକୁ ଏହି କାଗଜରେ ଲେଖନ୍ତୁ ।

| | | | | |
|---|---|---|---|---|
| ୩୯୩ । ମାଳି | + | – | ० | (୩୯୩) |
| ୩୯୪ । ନଡ଼ା | + | – | ० | (୩୯୪) |
| ୩୯୫ । ଧାନ | + | – | ० | (୩୯୫) |
| ୩୯୬ । ହଣ୍ଡା | + | – | ० | (୩୯୬) |
| ୩୯୭ । ଧାଇ | + | – | ० | (୩୯୭) |

## ଶ୍ରୁତଲିଖନ

*** କିଛିସମୟ ରହିଯାଇ ନିମ୍ନରେ ପ୍ରଦତ୍ତ ନିର୍ଦ୍ଦେଶକୁ ରୋଗୀକୁ ପଢ଼ି ଶୁଣାନ୍ତୁ । ମୁଁ ବର୍ତ୍ତମାନ ଯେଉଁ ଯେଉଁ ଶବ୍ଦ ପଢ଼ିବି ଆପଣ ଲେଖିବେ ।

| | | | | |
|---|---|---|---|---|
| ୩୯୮ । ଡାଳ | + | – | ० | (୩୯୮) |
| ୩୯୯ । ଛୋଟା | + | – | ० | (୩୯୯) |
| ୪୦୦ । ଫାଶ | + | – | ० | (୪୦୦) |
| ୪୦୧ । ଘଡ଼ି | + | – | ० | (୪୦୧) |
| ୪୦୨ । ଗାନ | + | – | ० | (୪୦୨) |

*** ଏହି ବିଭାଗରେ, ରୋଗୀ ଯଦି ଶୁଣିଥିବା ବାକ୍ୟଟିକୁ ନିର୍ଭୁଲଭାବରେ ଲେଖେ, ତେବେ ତାକୁ ସେଥିରେ "+" ଦିଅନ୍ତୁ । ଯଦି ସେ ଲେଖିଥିବା ବାକ୍ୟଟିରେ ଭୁଲ୍ ଥାଏ, ତେବେ ଦିଆଯାଇଥିବା ଶୂନ୍ୟ ସ୍ଥାନରେ ସେ ଯେତୋଟି ନିର୍ଭୁଲ ଶବ୍ଦ ଲେଖିଛି, ତାର ସଂଖ୍ୟା ଲେଖନ୍ତୁ ।

*** ନିମ୍ନରେ ଦିଆଯାଇଥିବାନିର୍ଦ୍ଦେଶଟିକୁ ରୋଗୀକୁ ପଢ଼ି ଶୁଣାନ୍ତୁ ।

ଆପଣଙ୍କୁ ଯେଉଁ କେତୋଟି ବାକ୍ୟ କୁହାଯିବ, ସେଗୁଡ଼ିକୁ ଲେଖନ୍ତୁ ।

| | | | | |
|---|---|---|---|---|
| ୪୦୩ । ସେ ତାକୁ ପିଟୁଛି । | + | − | ୦ | (୪୦୩) |
| ୪୦୪ । ସେ ନିଜକୁ ଦେଖୁଛି । | + | − | ୦ | (୪୦୪) |
| ୪୦୫ । ବିଲେଇକୁ କୁକୁରଟା କାମୁଡ଼ି ଦେଉଛି । | + | − | ୦ | (୪୦୫) |
| ୪୦୬ । ଟ୍ରକ୍‌ଟା ଗାଡ଼ିକୁ ଟାଣୁ ନାହିଁ । | + | − | ୦ | (୪୦୬) |
| ୪୦୭ । ମୋତେ ସେଇ ପୁଅଟିକୁ ଦେଖାଅ ଯିଏ ଝିଅଟିକୁ ଠେଲିଦେଉଛି । | + | − | ୦ | (୪୦୭) |

## ପଠନ

*** ନିମ୍ନଲିଖିତ ଦୁଇଟି ବିଭାଗରେ ରୋଗୀକୁ **ନୀରବରେ** କେତୋଟି ଶବ୍ଦ ଓ ବାକ୍ୟ ପଢ଼ିବାକୁ ଦିଆଯିବ ଏବଂ ପ୍ରତିଟି ଶବ୍ଦ ଓ ବାକ୍ୟ ସହିତ ମିଶୁଥିବା ଚିତ୍ରକୁ ଦେଖାଇଦେବାପାଇଁ କୁହାଯିବ ।ରୋଗୀ ଯେଉଁ ଚିତ୍ରଟିକୁ ସ୍ପର୍ଶ କରୁଛି, ସେହି ଚିତ୍ରର ସଂଖ୍ୟାଟିକୁ ପରିଧିଭୁକ୍ତ କରନ୍ତୁ ।

*** ବଡ଼ପାଟିରେ ପଢ଼ନ୍ତୁ ।

ବର୍ତ୍ତମାନ ଆପଣଙ୍କୁ କେତୋଟି ଶବ୍ଦ ପଢିବାପାଇଁ ଦିଆଯିବ । ପ୍ରତିଟି ଶବ୍ଦ ସହିତ ମିଶୁଥିବା ଚିତ୍ରଟିକୁ ଆପଣ ଛୁଇଁକରି ଦେଖାଇଦେବେ ।

| | | | | | | | |
|---|---|---|---|---|---|---|---|
| ୪୦୮ । ବାଳ | ଚିତ୍ର: | ୧ | ୨ | ୩ | ୪ | ୦ | (୪୦୮) |
| ୪୦୯ । ଧାଡ଼ି | ଚିତ୍ର: | ୧ | ୨ | ୩ | ୪ | ୦ | (୪୦୯) |
| ୪୧୦ । କାଳି | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୦) |
| ୪୧୧ । ଲୋଟା | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୧) |
| ୪୧୨ । ବର | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୨) |
| ୪୧୩ । ଛାଇ | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୩) |
| ୪୧୪ । ଗୁଆ | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୪) |
| ୪୧୫ । ହାତୀ | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୫) |
| ୪୧୬ । କାନ | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୬) |
| ୪୧୭ । ଛାତ | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୭) |

*** କିଛିସମୟ ରହିଯାଇ ନିମ୍ନଲିଖିତ ନିର୍ଦ୍ଦେଶଗୁଡ଼ିକୁ ରୋଗୀକ୍ ପଢି ଶୁଣାନ୍ତୁ ।

ବର୍ତ୍ତମାନ ଆପଣଙ୍କୁ କେତୋଟି ବାକ୍ୟ ପଢ଼ିବାକୁ ଦିଆଯିବ । ପ୍ରତ୍ୟେକ ବାକ୍ୟ ସହିତ ମିଶିଥିବା ଚିତ୍ରକୁ ଆପଣ ମୋତେ ଛୁଇଁକରି ଦେଖାଇଦେବେ ।

| | | | | | | | |
|---|---|---|---|---|---|---|---|
| ୪୧୮ । ଝିଅଟି ପୁଅଟିକୁ ଧରିଛି | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୮) |
| ୪୧୯ । ଲୋକଟି ନିଜକୁ ଦେଖୁଛି | ଚିତ୍ର: | ୧ | ୨ | ୩ | ୪ | ୦ | (୪୧୯) |
| ୪୨୦ । କୁକୁରକୁ ବିଲେଇଟି କାମୁଡୁଛି | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୦) |
| ୪୨୧ । ମୋତେ ସେହି ଟ୍ରକକୁ ଦେଖାଅ ଯେଉଁଟା ଗାଡ଼ିକୁ ଟାଣୁଛି | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୧) |
| ୪୨୨ । ପୁଅଟି ଝିଅଟିକୁ ଠେଲି ଦେଉନାହିଁ | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୨) |
| ୪୨୩ । ଟ୍ରକକୁ ଗାଡ଼ିଟା ଟାଣୁ ନାହିଁ | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୩) |
| ୪୨୪ । ମୋତେ ସେହି ବିଲେଇକୁ ଦେଖାଅ ଯେଉଁଟା କୁକୁରକୁ କାମୁଡ଼ିଦେଉଛି | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୪) |

| | | | | | | | |
|---|---|---|---|---|---|---|---|
| ୪୨୫ । ପୁଅଟି ତାକୁ ଧରିଛି । | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୫) |
| ୪୨୬ । ଝିଅକୁ ମା ପିଟୁଛି | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୬) |
| ୪୨୭ । ପୁଅକୁ ମା ନିଦରୁ ଉଠାଉ ନାହିଁ | ଚିତ୍ର: | ୧ | ୨ | ୩ | ୪ | ୦ | (୪୨୭) |

## ଲେଖା

*** କିଛିସମୟ ରହିଯାଇ ରୋଗୀକୁ ଖଣ୍ଡିଏ କାଗଜ ଦେଇ ତାର ମନକୁ ଯାହା ଆସୁଛି ୫ ମିନିଟ୍ ପର୍ଯ୍ୟନ୍ତ ଲେଖିବାକୁ କୁହନ୍ତୁ ।

*** ବଡ଼ପାଟିରେ ପଢ଼ନ୍ତୁ ।

ବର୍ତ୍ତମାନ, ଆପଣ ନିଜର ରୋଗ ସମ୍ବନ୍ଧରେ ଯାହା ଯାହା ମନକୁ ଆସୁଛି, ୫ ମିନିଟ୍ ପର୍ଯ୍ୟନ୍ତ କିଛି ଲେଖନ୍ତୁ । ଏହି କାଗଜ ଓ ପେନ୍‌ସିଲ୍‌ଟିକୁ ନିଅନ୍ତୁ ।